# ବଡ଼ଚଣାର ସାମଗ୍ରିକ ବିକାଶ ଆମର ଲକ୍ଷ୍ୟ

## ଭାଜପାର ୪୭ତମ ପ୍ରତିଷ୍ଠା ଦିବସ, ମିଶ୍ରଣ ପର୍ବ

**ଚଣ୍ଡିଖୋଲ/ବଡ଼ଚଣା, ୬।୪(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି)**


ଭାଜପା ପ୍ରତିଷ୍ଠା ଦିବସରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଅନ୍ୟ ଦଳର ନେତା ଓ କର୍ମୀଙ୍କୁ ସ୍ୱାଗତ କରାଯାଉଛି।

ବିଶ୍ୱର ବୃହତ୍ ଗଣତନ୍ତ୍ର ରାଷ୍ଟ୍ରର ସର୍ବବୃହତ୍ ଦଳ ଭାବେ ଭାରତୀୟ ଜନତା ପାର୍ଟି ୧୮ କୋଟିରୁ ଊର୍ଦ୍ଧ୍ୱ ସଭ୍ୟ ସଂଗ୍ରହ କରିପାରିଛି। ୧୯୮୦ ଏପ୍ରିଲ ୬ରେ ପ୍ରତିଷ୍ଠା ହୋଇଥିବା ଭାଜପା ୪୭ ବର୍ଷରେ ପଦାର୍ପଣ କରିଛି। ବିକଶିତ ଗ୍ରାମ, ବିକଶିତ ପଞ୍ଚାୟତ ଓ ବିକଶିତ ନିର୍ବାଚନ ମଣ୍ଡଳୀ ଗଠନ ସହିତ ସମାଜର ମୁଖ୍ୟ ସ୍ରୋତରେ ନିମ୍ନ ସ୍ତରର ଥିବା ଜନସାଧାରଣଙ୍କୁ ସାମିଲକରିବା ଆମର ଲକ୍ଷ୍ୟ। ଆଗାମୀ ଦିନରେ ବଡ଼ଚଣାର ସାମଗ୍ରିକ ବିକାଶ ଆମର ଲକ୍ଷ୍ୟ ବୋଲି ସୋମବାର ଭାଜପାର ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବଡ଼ଚଣା ବିଧାୟକ ଅମର କୁମାର ନାୟକ ପ୍ରକାଶ କରିଛନ୍ତି। ୨ ବର୍ଷ ମଧ୍ୟରେ ଚଣ୍ଡିଖୋଲଠାରେ ଏସ୍‌ଡିପିଓ କାର୍ଯ୍ୟାଳୟ ପ୍ରତିଷ୍ଠା, ଚଣ୍ଡିଖୋଲକୁ ଏନ୍‌ଏସି ଘୋଷଣା, ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ସହିତ ଚଣ୍ଡିଖୋଲର ସୌନ୍ଦର୍ଯ୍ୟକରଣ ସହିତ ବଡଚଣାର ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନର ଉନ୍ନତି ସହିତ ସାମଗ୍ରିକ ବିକାଶ ପାଇଁ ସମସ୍ତଙ୍କର ସାହାଯ୍ୟ ସହଯୋଗ ବିଧାୟକ ନାୟକ କାମନା କରିଥିଲେ। ଚଣ୍ଡିଖୋଲସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ଦଳର ସ୍ଥାପନ ଦିବସ ମଣ୍ଡଳ ସଭାପତି ବିମଳ ପ୍ରଧାନଙ୍କ ସଭାପତିତ୍ୱରେ ଓ ଜିଲା ଭାଜପା ଉପ ସଭାପତି ପ୍ରମୋଦ କୁମାର ଜେନାଙ୍କ ସଞ୍ଚାଳନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପ ସଭାପତି ଗଣେଶ୍ୱର ବରାଳ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତିନ୍ଦ୍ର କୁମାର ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାସ ନନ୍ଦ, ଜିଲା କୋଷାଧ୍ୟକ୍ଷ ବିନୋଦିନୀ ଦାସ, ନାରାୟଣ ସାମଲ, ବିକାଶ ମହାପାତ୍ର, ଅଶୋକ କୁମାର ସିଂହ, ମନୋଜ କୁମାର ପ୍ରଧାନ, ଜିଲା କୃଷକ ମୋର୍ଚ୍ଚା ସଭାପତି ସୀତାନାଥ ବଳସାମନ୍ତ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଭାରତମାତା, ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟ ଓ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଫଟୋଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ବନ୍ଦେ ମାତରମ୍ ଗାନ କରାଯାଇଥିଲା। ପ୍ରତିଷ୍ଠା ଦିବସ ପାଳନ ଅବସରରେ ଚଣ୍ଡିତଳ ପଞ୍ଚାୟତ ସରପଞ୍ଚ ସାଗରିକା ବିହାରୀ, ବଡଚଣା ପଞ୍ଚାୟତ ବିଜେଡି ସଭାପତି ଚିତ୍ତରଞ୍ଜନ ପ୍ରଧାନଙ୍କ ସମେତ ବହୁ ୱାର୍ଡସଭ୍ୟ ବିଜେଡି ତ୍ୟାଗକରି ଭାଜପାରେ ସାମିଲ ହୋଇଥିଲେ। ସେମାନଙ୍କୁ ବିଧାୟକ ନାୟକ ଦଳୀୟ ଉତ୍ତରୀୟ, ଟୋପି, ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ। ଶେଷରେ ମଣ୍ଡଳ ସଭାପତି ବିଶ୍ୱଜିତ ସାମଲ ଧନ୍ୟବାଦ ଦେଇଥିଲେ।

## ଘରେ ନ ଥିବା ବେଳେ ସୁନା ଗହଣା ଚୋରି

**ପାଣିକୋଇଲି, ୬।୪ ( ବିକାଶ ଚନ୍ଦ୍ର ମଲ୍ଲିକ)**



ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ଷଠିପୁର ସଂଯୋଗୀକରଣ ରାସ୍ତା କଡରେ ମଦନ ବେରା ଘର କରିଛନ୍ତି। ଘରର ଆଖପାଖରେ କୌଣସି ଘର ନାହିଁ। ମଦନ ସପରିବାରେ ୨ ଦିନ ହେବ ଘରେ ତାଲା ପକାଇ ବାହାରକୁ ଯାଇଥିଲେ। ଦୁର୍ବୃତ୍ତମାନେ ଟିଭି, ଲୁଗାପଟା ଓ ଅନ୍ୟ ଆନୁସଙ୍ଗିକ ଜିନିଷ ଚୋରି କରି ନେଇ ରାସ୍ତା କଡ଼ ଡ୍ରେନ ଉପରେ ନେବା ପାଇଁ ଥୋଇଥିଲେ। ସୌଭାଗ୍ୟବଶତଃ ସେହି ସମୟରେ ମଦନ ପରିବାର ଘରକୁ ଫେରିଥିଲେ। ସେମାନଙ୍କୁ ଦେଖି ରାସ୍ତା କଡରେ ବାଇକ୍ ଧରି ଛିଡା ହୋଇଥିବା ୪ ଯୁବକ ଫେରାର ହୋଇଯାଇଥିଲେ। ରାସ୍ତାରୁ ଘରକୁ ଯାଇ ମଦନ ଦେଖିବା ବେଳକୁ ତାଙ୍କ ଘର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ଘରେ କଳାକନା ବୁଲାଇ ଦେଇଛି। ସ୍ଥାନୀୟ ଲୋକ ଓ ପୋଲିସକୁ ଖବର ଦେବାରୁ ସେମାନେ ସେଠାରେ ପହଞ୍ଚିବାରୁ ଡ୍ରେନ ଉପରେ ଚୋରି ଜିନିଷ ଥୁଆ ହୋଇଥିବା ବେଳେ ନଗଦ ୧୦ ହଜାର ଟଙ୍କା ଓ ସୁନା ରୁପା ନେଇ ଚୋରମାନେ ଫେରାର ହୋଇଯାଇଛନ୍ତି। ଚୋରିର ସାମଗ୍ରୀ ସବୁ ଘରକୁ ଆଣିବା ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଗୋଟିଏ ଭାଙ୍ଗିଥିବା ବେଳେ ଅନ୍ୟ ସିସିଟିଭି କ୍ୟାମେରା ରହିଥିବାରୁ ସେହି ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଏଏସ୍‌ଆଇ ଶରତ ବେହେରା ସଦଳବଳେ ଘଟଣାସ୍ଥଳେ ପହଞ୍ଚି ତଦନ୍ତ ଚାଲୁ ରଖିଛନ୍ତି।

## ରଘୁନାଥ ମହାନ୍ତଙ୍କ ୨୪୮ତମ ଶହୀଦ ଦିବସ ପାଳିତ

**କଳିଙ୍ଗନଗର, ୬।୪(ଶୁଭାଶିଷ ରାଉତ)**

ସଂଗ୍ରାମୀ ରଘୁନାଥ ମହାନ୍ତ ସ୍ମୃତି କମିଟି ଆନୁକୂଲ୍ୟରେ ସୁକିନ୍ଦା ବ୍ଲକ ସଂସାଇଲୋ ପଞ୍ଚାୟତ ଟାଟା କଲୋନୀଠାରେ ତାଙ୍କ ୨୪୮ ତମ ଶହୀଦ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ଯୋଗଦେଇ ଶହୀଦ୍ ରଘୁନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ବୀରତ୍ୱ ଏବଂ ବଳିଦାନ ସମ୍ପର୍କରେ ଆଲେଚନା କରିଥିଲେ। ମହାନ୍ତ ସମାଜର ଲୋକମାନେ ଆଦିବାସୀ ହେବା ପାଇଁ ଦୀର୍ଘଦିନ ଧରି ସଂଗ୍ରାମ ଜାରି ରଖିଥିଲେ ମଧ୍ୟ ସେମାନଙ୍କ କଥାକୁ ସରକାର ଗୁରୁତ୍ୱ ଦେଉନାହାନ୍ତି। ସଭାରେ ପଛୁଆବର୍ଗ ଲୋକମାନେ ଏକାଠି ହେବା ପାଇଁ ଆହ୍ୱାନ ଦିଆଯାଇଥିଲା। ଏହି ସଭାରେ ଝାଡଖଣ୍ଡର ଜେଏଲକେଏମ୍ ପ୍ରବକ୍ତା ମାଧବ ମହତୋ, ଜେଏଲକେଏମ୍ ନେତା ପ୍ରେମ କୁମାର ମାରାଣ୍ଡି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅଭିଭାଷଣ ରଖିଥିଲେ। ଏଥିରେ ସ୍ମୃତି କମିଟିର ସଭାପତି ଭୀମସେନ ମହାନ୍ତ, ସମ୍ପାଦକ ତ୍ରିଲୋଚନ ମହାନ୍ତ, ଦୋଳଗୋବିନ୍ଦ ମହାନ୍ତ, ସୁକିନ୍ଦା ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ ବିବେକାନନ୍ଦ ବୋଷ, ସୁକିନ୍ଦାଗଡ ସରପଞ୍ଚ ସ୍ୱାଧୀନ ଦାସ, ଲକ୍ଷ୍ମୀଧର ବେହୁରା, ଦୀପ୍ତିରଞ୍ଜନ ବେହୁରା, ଜୟନ୍ତ କୁମାର ରାଉତ, ବାରାଗଡିଆ ସମିତି ସଭ୍ୟ ମୃତ୍ୟୁଞ୍ଜୟ ଦେଓ ପ୍ରମୁଖ ଯୋଗଦେଇ ଅଭିଭାଷଣ ରଖିଥିଲେ।


ଶହୀଦ ଦବସରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡାଇ ଓ ଅନ୍ୟମାନେ।

## ଧର୍ମଶାଳା ଭାଜପା ପକ୍ଷରୁ ୪୭ତମ ପ୍ରତିଷ୍ଠା ଦିବସ



ଧର୍ମଶାଳା ଭାଜପା ପକ୍ଷରୁ ୪୭ତମ ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି।

**ଧର୍ମଶାଳା/ କାଏମା, ୬।୪ (ବଟକୃଷ୍ଣ ପରିଡା/ ଶିବ ପ୍ରସାଦ ମହାନ୍ତି)**

ଭାରତୀୟ ଜନତା ପାର୍ଟି ଧର୍ମଶାଳା ଶାଖା ପକ୍ଷରୁ ୪୭ତମ ପ୍ରତିଷ୍ଠା ଦିବସ ସୋମବାର ଅପରାହ୍ଣରେ ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡ଼ିଆଠାରେ ପଳିତ ହୋଇଯାଇଛି। ଯାଜପୁର ଜିଲା ସଭାପତି ଦେବଜାନୀ ପ୍ରଧାନ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ମା’ ତଥା ସାମାଜିକ କର୍ମୀ ମିନତି ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କାର୍ଯ୍ୟକାରିଣୀ ସଭାପତି ଗିରିଧାରୀ ମହାନ୍ତି, ପୂର୍ବତନ ଏମ୍‌ପି ରୀତା ତରାଇ, ଧର୍ମଶାଳା ବ୍ଲକ ଅଧ୍ୟକ୍ଷା ସୂଚୀସ୍ମିତା ଦାସ, ଉପାଧ୍ୟକ୍ଷା ବିଶ୍ୱବିଜୟନୀ ମିଶ୍ର, ଭାଜପା ନେତା ଉପେନ୍ଦ୍ର କର, ଡ଼. ପ୍ରୀୟନାଥ ମହାପାତ୍ର, ଅରୁହା ଜୋନ ସଭାପତି ଜିତେନ୍ଦ୍ର ରାଉତ, ଜାରକା ଜୋନ ସଭାପତି ଦେବଦତ ପଣ୍ଡା, ଜେନାପୁର ମଣ୍ଡଳ ସଭାପତି ଶ୍ରୀବତ୍ସ ଧ୍ୱର, ବାରବାଟୀ ମଣ୍ଡଳ ସଭାପତି ତୀର୍ଥରାଜ ପଣ୍ଡା, କୋଟପୁର ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ ଯୋଗ ଦେଇଥିଲେ। ଚନ୍ଦ୍ରମଣୀ ପଣ୍ଡିତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ ଭାଜପା ଯୁବନେତା ରାଜେଶ ପାଳ, ଅଭିଷେକ ରାଉତ, ଦେବରାଜ ମିଶ୍ର, ଆଲୋକ କୁମାର ଲେଙ୍କା, ୧୪ ନଂ. ଜେନ୍ ମଣ୍ଡଳ ସଭାପତି ଦେବଦତ୍ତ ପଣ୍ଡା, ତ୍ରୀର୍ଥରାଜ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ଧର୍ମଶାଳା ନିର୍ବାଚନମଣ୍ଡଳୀର ୫୪ ପଞ୍ଚାୟତର ବହୁ ଭାଜପା କର୍ମୀ ଯୋଗଦେଇଥିଲେ। ଶେଷରେ ଏମ୍‌ପିଙ୍କ ପ୍ରତିନିଧି କାହ୍ନୁ ଚରଣ ଦାଶ ଧନ୍ୟବାଦ ଦେଇଥିଲେ।

## ଅରଖପୁର ପଞ୍ଚାୟତ ବିଜେଡିର କର୍ମୀ ସମ୍ମିଳନୀ

**ଚଣ୍ଡିଖୋଲ/ବଡ଼ଚଣା, ୬।୪(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି)**

ବଡ଼ଚଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅରଖପୁର ପଞ୍ଚାୟତ ବାଇଶିମୌଜା ମେଲଣ ପଡ଼ିଆଠାରେ ପଞ୍ଚାୟତ ସଭାପତି ରବୀନ୍ଦ୍ର କୁମାର ସାମଲଙ୍କ ଅଧ୍ୟକ୍ଷତାରେ ବିଜେଡିର ଏକ କର୍ମୀ ସମ୍ମିଳନୀ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଜେଡି ନେତା କ୍ୟାପ୍‌ଟେନ ରାଜ ନାରାୟଣ ମହାପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବଡ଼ଚଣା ବ୍ଲକ ବିଜେଡି ସଭାପତି ତାପସ ଚନ୍ଦ୍ର ରାୟ, ଜ୍ଞାନ ରଞ୍ଜନ ସାହୁ, ପ୍ରଦୀପ୍ତ ମହାନ୍ତି, ଧୁଳେଶ୍ୱର ଦାସ, ନିରଞ୍ଜନ ବିଶ୍ୱାଳ, ପୁଷ୍ପଲତା ସିଂ, ରଶ୍ମିତା ଦାସ ପ୍ରମୁଖ ଯୋଗ ଦେଇ ନିଜ ନିଜର ଅଭିଭାଷଣ ରଖିଥିଲେ। ଶାସକ ଦଳର ମନମୁଖି କାର୍ଯ୍ୟ ତଥା ବିଭିନ୍ନ ଦୁର୍ନୀତି, ଲଘୁ ଖଣିଜ ସମ୍ପଦ ଚୋରି ବିରୋଧରେ ଅରଖପୁର ପଞ୍ଚାୟତର ବିଜେଡିର କର୍ମକର୍ତ୍ତାମାନେ କ୍ୟାପ୍‌ଟେନ ମହାପାତ୍ରଙ୍କ ସହ ଆଗାମୀ ଦିନରେ ହେବାକୁ ଥିବା ଜନ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରି ଜୋର୍‌ଦାର ବିରୋଧ କରିବା ପାଇଁ ଅନେକ କର୍ମକର୍ତ୍ତା ମତବ୍ୟକ୍ତ କରିଥିଲେ। ବୈଠକରେ ସଚ୍ଚିଦାନନ୍ଦ ସିଂ, ଉମେଶ ଚନ୍ଦ୍ର ସାମଲ, ଗୌତମ ସିଂ, ମଳୟ ସିଂ, ପ୍ରକାଶ ଚନ୍ଦ୍ର ନାୟକ, ସଞ୍ଜୟ ଦାସ, ଦେବାଶିଷ ସ୍ୱାଇଁ, ଚିନ୍ମୟ ଖୁଣ୍ଟିଆ, ବିଳାସ ଘଡ଼େଇ, ସୋନାଲି ସ୍ୱାଇଁ, ମାଳତି ସ୍ୱାଇଁ, ସନ୍ଧ୍ୟାରାଣୀ ସ୍ୱାଇଁଙ୍କ ସମେତ ବହୁ ଶହ କର୍ମକର୍ତ୍ତା ବୈଠକରେ ଯୋଗଦେଇଥିଲେ।



ସମ୍ମିଳନୀରେ ସାମିଲ ହୋଇଥିବା ବିଜେଡି ନେତା ଓ କର୍ମୀ।

## ସଫା କରିବା ବାହାନାରେ ଦୁର୍ବୃତ୍ତ ଲୁଟିନେଲେ ସୁନାଚେନ, ମୁଦି

**ବିଞ୍ଝାରପୁର,୬।୪ (ରାମକୃଷ୍ଣ ଦାସ ):**

ବିଞ୍ଝାରପୁର ଥାନା ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତ ବୈରୀବାଗ ଗ୍ରାମର ଗୌରଙ୍ଗ ସାହୁ ସୋମବାର ପୂର୍ବାହ୍ନ ୧୧ଟାରେ କୌଣସି କାର୍ଯ୍ୟ ପାଇଁ ସ୍ଥାନୀୟ ପୋଷ୍ଟ ଅଫିସକୁ ଯାଇଥିଲେ। ଘରେ ତାଙ୍କ ସ୍ତ୍ରୀ ରଙ୍ଗଲତା ଏକା ଥିବାର ସୁଯୋଗ ନେଇ ୨ ଜଣ ଦୁର୍ବୃତ୍ତ ଗୌରାଙ୍ଗଙ୍କ ଘରକୁ ଆସି ସ୍ତ୍ରୀ ରଙ୍ଗଲତାଙ୍କୁ ପୁରୁଣା ସୁନା, ରୁପା ଅଳଙ୍କାର ସଫା କରିବାକୁ ପ୍ରବର୍ତ୍ତାଇ ଥିଲେ। ଏଥିରେ ରାଜି ହୋଇ ରଙ୍ଗଲତା ଘରେ ଥିବା ପୁରୁଣା ସୁନା, ରୁପା ଅଳଙ୍କାର ଆଣି ଦୁର୍ବୃତ୍ତଙ୍କୁ ସଫା କରିବାକୁ ଦେଇଥିଲେ। ଏହି ସୁନାରୁପା ଅଳଙ୍କାରଗୁଡିକୁ ସଫା କରିବା ପାଇଁ ଦୁର୍ବୃତ୍ତ ଏକ ତାଟିଆରେ ପ୍ରଥମେ ରୁପା ଅଳଙ୍କାରଗୁଡିକୁ ଧଳା ରଙ୍ଗର ପାଉଡର ବ୍ୟବହାର କରି ସଫା କରି ରଙ୍ଗଲତାଙ୍କ ମନରେ ବିଶ୍ୱାସ ଜନ୍ମାଇ ଥିଲେ। ପରେ ସେହିଭଳି ଭାବେ ସୁନା ଅଳଙ୍କାର ସଫା କରୁଥିବା ସମୟରେ ରଙ୍ଗଲତାଙ୍କ ଅନ୍ୟମନସ୍କର ସୁଯୋଗ ନେଇ ଗୋଟିଏ ସୁନା ଚେନ ୧୮ ଗ୍ରାମ ଓ ଗୋଟିଏ ସୁନା ମୁଦିକୁ ନେଇ ଲୁଟେରା ନେଇ ଚମ୍ପଟ ମାରିଥିଲେ। ଏହି ଘଟଣାର ସମସ୍ତ ଟିକିନିଖି ଘଟଣାବଳୀ ଗୌରାଙ୍ଗଙ୍କ ଘରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି। ଏହି ଲୁଟ ସମ୍ପର୍କରେ ସାହୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଗୌରାଙ୍ଗଙ୍କ ଘରେ ଲାଗିଥିବା ସିସିଟିଭି ଯାଞ୍ଚ କରିବା ସହିତ ଲୁଟ ଘଟଣାର ତଦନ୍ତ ଆରମ୍ଭ କରିଛି।

## କୂଅରେ ପଡ଼ି ଯୁବକଙ୍କ ମୃତ୍ୟୁ

**ଚଣ୍ଡିଖୋଲ,୬।୪(ପ୍ରଦୀପ୍ତ କୁମାର ପୃଷ୍ଟି)**



ବଡଚଣା ଥାନା ଅନ୍ତର୍ଗତ ଚଣ୍ଡିତଳ ଗ୍ରାମରେ ରବିବାର ରାତିରେ କୁଅରେ ପଡି ଜଣେ ଯୁବକଙ୍କ ମୃତ୍ୟୁ ହୋଇଯାଇଛି। ମୃତକ ଜଣକ ହେଲେ ଚଣ୍ଡିତଳ ଗ୍ରାମର ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (୫୬)। ସେ ରାତିରେ ପରିସ୍ରା କରିବାକୁ ଯିବା ବେଳେ ଘର ପାଖରେ ଥିବା ଏକ ଲଣ୍ଡା କୂଅ ଭିତରକୁ ଖସି ପଡ଼ିଥିଲେ। ପାଟି କରି ପରିବାର ଲୋକଙ୍କୁ ଡାକ ପକାଇବାରୁ ଗ୍ରାମବାସୀ ପହଞ୍ଚି ଉଦ୍ଧାର କରିଥିଲେ। ଉଦ୍ଧାର କରିବା ପରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୁଅରେ ପଡ଼ିବା ସମୟରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିଲା। ସେ ବଡ଼ଚଣା ବ୍ଲକରେ ଆମ ବସ୍ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ପରଲୋକରେ ଚଣ୍ଡିତଳ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ ପୁଅ ଆଶିଷ ମୁଖାଗ୍ନି ଦେଇଥିଲେ।

## କୈବର୍ତ୍ତ ସମାଜର ଘୋଡ଼ାନୃତ୍ୟ ପରମ୍ପରା ସମ୍ପର୍କରେ ଆଲୋଚନା

### ଦଶରଥପୁର ଚୈତ୍ର ପୂର୍ଣ୍ଣିମା ମହୋତ୍ସବ ଉଦ୍‌ଯାପିତ

**ଦଶରଥପୁର, ୬।୪ (ସୁଶାନ୍ତ କୁମାର ବେହୁରିଆ)**


ମହୋତ୍ସବରେ କୃତୀ ପ୍ରତିଭାଧାରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ଦଶରଥପୁର ବ୍ଲକ୍ ନିକଟସ୍ଥ ବାବା ସାଧୁ ଗୋସ୍ୱାମୀ ପୀଠରେ କୈବର୍ତ୍ତ ସମାଜ ପକ୍ଷରୁ ମା’ ବାସୁଳାଇ ପୂଜା କମିଟି ଦ୍ୱାରା ଚୈତ୍ର ମହୋତ୍ସବ କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ହରିହର ତରାଇଙ୍କ ସଭାପତିତ୍ୱ କରିଥିବାବେଳେ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ଯାଜପୁର ଜିଲା ସଭାପତି ଗୌତମ ରାୟ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଦାମୋଦର ବେହେରା, ସମ୍ମାନିତ ଅତିଥି ଭାବେ ଚକ୍ଷୁ ବିଶେଷଜ୍ଞ ଡା. ରାଜକିଶୋର ପଣ୍ଡା, କ୍ରୀଡ଼ା ସଙ୍ଗଠକ ନାରାୟଣ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଚୈତ୍ର ପୂର୍ଣ୍ଣିମାରେ କୈବର୍ତ୍ତ ସମାଜର ଘୋଡ଼ା ନୃତ୍ୟ ପରମ୍ପରା ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ନାଟ୍ୟକାର ଡା. ରାଜକିଶୋର ପଣ୍ଡା, ସାମାଜିକ କର୍ମୀ ପ୍ରଦୀପ କୁମାର ଧଳ, ବରିଷ୍ଠ କ୍ରୀଡ଼ା ସଙ୍ଗଠକ ରାଜ୍ୟ ହକି ଏବଂ ରଗବୀ ଫୁଟ୍‌ବଲ ସଂଘର ଯୁଗ୍ମ ସମ୍ପାଦକ ଭରତ ସାହୁ, ଖବରଦାତା ଅକ୍ଷୟ କୁମାର ଦାସଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ୟାସଦେବ ତରାଇ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ଉପସଭାପତି ଅଭିମନ୍ୟୁ ପରିଡ଼ା ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ। ୪ ଦିନ ଧରି ଚାଲିଥିବା ଏହି ମହୋତ୍ସବରେ ୧ମ ଦିନରେ ମା’ ବସୁଳି (ଘୋଡ଼ା)ଙ୍କୁ ପୂଜାର୍ଚ୍ଚନା ସହ ଥାନପତିଙ୍କଠାରେ ମେଳଣ ଉତ୍ସବ, ୨ୟ ଦିନରେ ନଗର ପରିକ୍ରମା ଓ ଶୋଭାଯାତ୍ରା ,୩ୟ ଦିନରେ ଜିଲାସ୍ତରୀୟ ପାରମ୍ପାରିକ ନୃତ୍ୟ ପରିବେଷଣ ଓ କଳାକାରଙ୍କୁ ସମ୍ବର୍ଦ୍ଧନା କରାଯିବା ସହ କଳାକାର ଗିରିଜା ଶଙ୍କର ପଣ୍ଡା (କାକା) ଓ ଓଡ଼ିଶା ରଜ କୁଇନ ୨୦୨୪ ସାଇ ସନ୍ତୋଶିନୀ ଜେନା ପ୍ରମୁଖ ଯୋଗଦେଇଥିଲେ। ୪ର୍ଥ ଦିନରେ ଭୁବନେଶ୍ୱର ମେଲୋଡି ସୁର ସ୍ନେହା କାର୍ଯ୍ୟକ୍ରମ କରାଯାଇଥିବାବେଳେ ଗାୟକ ସାରେଗାମାପାର ବିଜେତା ପୂଜା ପ୍ରତ୍ୟେଶା ଓ ଗାୟକ ମିଷ୍ଟର କୁନା, ନୃତ୍ୟଗୁରୁ ମନୋରଞ୍ଜନ ଜେନା, ଅଶୋକ ପୃଷ୍ଟି, ମାମାଲି ସାହୁ, ସୁମନ୍ତ କୁମାର ଜେନାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ମୁସ୍ତଫାନଗରରେ ସାହେବ ବାବାଙ୍କ ବାର୍ଷିକ ଉତ୍ସବ

**କାଏମା, ୬।୪ (ଶିବ ପ୍ରସାଦ ମହାନ୍ତି)**

ଧର୍ମଶାଳା ବ୍ଲକ ଚହଟା ପଞ୍ଚାୟତ ମୁସ୍ତଫାନଗରସ୍ଥିତ ସାହେବ ବାବା (ପୀର)ଙ୍କ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁସ୍ତଫାନଗର ସମେତ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ବାବାଙ୍କ ଆର୍ଶୀବାଦ ନେଇଥିଲେ। ସକାଳୁ ବାବାଙ୍କ ଆସ୍ଥାନରେ ଗୋସଲ କରାଯାଇ ନୂତନ ଚାଦର ପକାଯାଇଥିଲା। ପରେ ସେଠାରୁ ଏକ ଶୋଭାଯାତ୍ରାରେ ଶ୍ରଦ୍ଧାଳୁମାନେ ଧର୍ମଶାଳା ବଜାର ଦେଇ ଚୋରମୁହାଁସ୍ଥିତ ମୌଲାନା ସହେବ ବାବାଙ୍କ ଆସ୍ଥାନକୁ ଆସି ସେଠାରେ ଚାଦର ଚଢାଇଥିଲେ। ଭାଇଚାରା ରକ୍ଷା କରି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନିର୍ଦ୍ଦେଶକ୍ରମେ ଯୁବ ସଙ୍ଗଠକ ରାଜେଶ ପାଲ ଯୋଗଦେଇ ବାବାଙ୍କ ଆର୍ଶୀବାଦ ନେବା ସହ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ବିହାର, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗରୁ ଆସିଥିବା ଧର୍ମଗୁରୁମାନେ ମୁସ୍ତଫାନଗରରେ ଧର୍ମବାଣୀ ଶୁଣାଇଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ: ବୁଢ଼ୀ ଜାଗୁଲାଇ ଟିମ୍ ଭଦ୍ରକ ଚାମ୍ପିୟନ

**କାଏମା, ୬।୪ (ଶିବ ପ୍ରସାଦ ମହାନ୍ତି):**


ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି ଓ ଅନ୍ୟମାନେ।

ଧର୍ମଶାଳା ବ୍ଲକ ଚୋରମୁହାଁସ୍ଥିତ ପଡିଆରେ ରବିବାର ବିଳମ୍ବିତ ରାତିରେ ଫ୍ଲଡ ଲାଇନ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଚୋରମୁହାଁ ୟୁଥ କ୍ଲବ ଆନୁକୂଲ୍ୟରେ ଦିବଙ୍ଗତ ସଙ୍ଗଠକ ମଧୁ ସୂଦନ ରାଉତ ଓ ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ମହାନ୍ତିଙ୍କ ସ୍ମୃତିରେ ଅନୁଷ୍ଠିତ ଦୁଇ ଦିନିଆ ଟୁର୍ନାମେଣ୍ଟରେ ଯାଜପୁର ଜିଲା ଓ ବାହାରୁ ୧୬ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ବୁଢ଼ୀ ଜାଗୁଲଇ ଭଦ୍ରକ ଓ ଏସିସି ଟିମ ସୁଜନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ସୁଜନପୁର ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୯ ଉଇକେଟ ହରାଇ ୩୭ ରନ କରିଥିଲା। ଜବାବରେ ଭଦ୍ରକ ଟିମ ବ୍ୟାଟିଂ କରି ୬.୩ ଓଭରରେ ୫ ଉଇକେଟ ହରାଇ ବିଜୟୀ ହୋଇଥିଲା। ଏହି ମ୍ୟାଚକୁ ସ୍ମୃତିରଞ୍ଜନ ବେହେରା, ବବୁଲ ଦାସ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ନାରାୟଣ ମହାନ୍ତି, ରବୀନ୍ଦ୍ର କୁମାର ମହାନ୍ତି, ପ୍ରବୋଧ କୁମାର ପାତ୍ର ଅତିଥି ଭାବେ ଯୋଗଦେଇ ସିରିଜର ଶ୍ରେଷ୍ଠ ଖେଳାଳି ଭାବେ ସୁଜନପୁର ଟିମର ବବୁଲୁ ଓ ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ଭଦ୍ରକ ଟିମର ଚଗଲୁଙ୍କୁ ଟ୍ରଫି ପ୍ରଦାନ କରିବା ସହ ଚଳିତବର୍ଷର ଚାମ୍ପିୟନ ବୁଢୀ ଜାଗୁଲାଇ ଟିମ ଭଦ୍ରକକୁ ଟ୍ରଫି ସହ ନଗଦ ଅର୍ଥରାଶି ଓ ରନର୍ସ ଅପ ଏସିସି ସୁଜନପୁର ଟିମକୁ ଟ୍ରଫି ସହିତ ଅର୍ଥରାଶି ପ୍ରଦାନ କରିଥିଲେ।

**ନୂତନ ଗଣେଶ ମନ୍ଦିର ପ୍ରତିଷ୍ଠା**

ରଘୁନାଥପୁର,(ରାଜେନ୍ଦ୍ର ନାରାୟଣ ସିଂହ)ରଘୁନାଥପୁର ବ୍ଲକ ଗୁଆଲିପୁରସ୍ଥିତ ମହେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ପ୍ରଭୁ ଶ୍ରୀଗଣେଶଙ୍କ ଏକ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତାପ କୁମାର ଜେନା ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଶିକ୍ଷା କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଆୟୋଜିତ ଉତ୍ସବରେ ସାମାଜିକ କର୍ମୀ ଅଶୋକ କୁମାର ମୁଦୁଲି, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବାଉକିଶୋର ମହାନ୍ତି, ଯୋଗେନ୍ଦ୍ର ନାଥ ଦାଶ, ହିମାଂଶୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରତି ୱାର୍ଡରେ ପାନୀୟ ଜଳ ସମସ୍ୟା, ତାତିଲେ କାଉନ୍‌ସିଲର

## ଜଗତ୍‌ସିଂହପୁର ପୌର ପରିଷଦ

### ଫୋନ ଉଠାଉନାହାନ୍ତି ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ

ଜଗତ୍‌ସିଂହପୁର, ୬।୪ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ସହରରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ପରିଷଦର ସମସ୍ତ ୨୧ଟି ଯାକ ୱାର୍ଡରେ ଏହି ସମସ୍ୟା ଯୋଗୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଖରାଦିନ ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପାନୀୟ ଜଳ ଯୋଗାଣରେ ଯେପରି କୌଣସି ପ୍ରକାର ସମସ୍ୟା ନ ହୁଏ ତା'ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। କିନ୍ତୁ ଏହା କେବଳ ଔପଚାରିକତା ପାଇଁ ହୋଇଥିବା ଅଭିଯୋଗ ହେଉଛି। କାରଣ ପ୍ରବଳ ଗ୍ରୀଷ୍ମ ସତ୍ତ୍ୱେ ଅନେକଙ୍କ ଘରକୁ ପିଇବା ପାଣି ଜଗତ୍‌ସିଂହପୁର ଜନସ୍ୱାସ୍ଥ୍ୟ ବିଭାଗ (ପିଏଚ୍‌ଡି) ପକ୍ଷରୁ ପାଣି ଯୋଗାଯାଉନାହିଁ। ଏ ସମ୍ପର୍କରେ ବିଭାଗ ସହକାରୀ ଯନ୍ତ୍ରୀ ମାନସ ମୁର୍ମୁଙ୍କ ସହ ତାଙ୍କ ମୋବାଇଲରେ ଯୋଗାଯୋଗ କରାଯାଉଥିଲେ ସୁଦ୍ଧା ସେ ଫୋନ ଉଠାଉନାହାନ୍ତି। ଅନ୍ୟ କର୍ମଚାରୀମାନେ ସହକାରୀ ଯନ୍ତ୍ରୀ ଖୁବ କମ୍ ଦିନ ଆସୁଥିବା କହି ଅସହାୟତା ପ୍ରକାଶ କରୁଛନ୍ତି। ଏ ପରିସ୍ଥିତିରେ ମାସିକ ଦେୟ ଦେଇ ଲୋକେ ପିଇବା ପାଣି ନ ପାଇବାରୁ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏନେଇ ଲୋକ ପ୍ରତିନିଧି ଯଥା କାଉନ୍‌ସିଲର ଓ ଜଗତ୍‌ସିଂହପୁର ପୌରାଧ୍ୟକ୍ଷ, ପୌର ନିର୍ବାହୀ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ସୁଦ୍ଧା କିଛି ଫଳ ମିଳୁନାହିଁ। ଏ ପରିସ୍ଥିତିରେ କାଉନ୍‌ସିଲରମାନେ ତାତିଛନ୍ତି। ସେମାନେ ପ୍ରତିକ୍ରିୟାଶୀଳ ହୋଇ ସୋମବାର ଯୋଗଧାରୀସ୍ଥିତ ପିଏଚ୍‌ଡି କାର୍ଯ୍ୟାଳୟ ଯାଇ ଗର୍ଜିବା ସହ ତୁରନ୍ତ ପାଇପ୍‌ଲାଇନ ସହିତ ଅନ୍ୟାନ୍ୟ କାମ କରି ଜଳଯୋଗାଣକୁ ସ୍ୱାଭାବିକ କରିବାକୁ ଦାବି କରିଛନ୍ତି। କାଉନ୍‌ସିଲର ଜଗଦାନନ୍ଦ ପଡିହାରୀ, ମନୋଜ ମହାନ୍ତି, ଧୀର ଦାସ, ଜୟନ୍ତୀ ମାହାଲି, ମେନକା ବେହେରା, ପ୍ରଭାତି ସାହୁ, କିରଣକାନ୍ତି ଦାସ, ଅନାମ ସେଠୀ, ରୋଜାଲିନ ଦାଶ ଓ ସୋନାଲି ସିଂହ ପ୍ରମୁଖ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ଦର୍ଶାଇଛନ୍ତି ପରିଷଦର ସମସ୍ତ ୨୧ଟି ୱାର୍ଡରେ ପାନୀୟ ଜଳ ଯୋଗାଣରେ ଦେଖା ଦେଇଥିବା ସମସ୍ୟାର ତୁରନ୍ତ ସମାଧାନ ହେବା ଦରକାର। ନଚେତ ଆଗାମୀ ଦିନରେ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ବିଭାଗ ଦାୟୀ ରହିବ। ଲୋକମାନଙ୍କ ମୌଳିକ ସମସ୍ୟାକୁ ଗୌଣ କରିବା ବରଦାସ୍ତ କରାଯିବ ନାହିଁ ବୋଲି କାଉନ୍‌ସିଲରମାନେ ଚେତାବନୀ ଦେଇଛନ୍ତି। ଏହା ପୂର୍ବରୁ ମଧ୍ୟ ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ ଗତ ମାସରେ ପ୍ରସଙ୍ଗର ଗମ୍ଭୀରତା ଦୃଷ୍ଟିରୁ ଯଥାଶୀଘ୍ର ପାଇପ୍‌ଲାଇନ ମରାମତି କରି ପିଇବା ପାଣି ଯୋଗାଣକୁ ସ୍ୱାଭାବିକ କରିବାକୁ ପିଏଚ୍‌ଡି ସହକାରୀ ଯନ୍ତ୍ରୀଙ୍କୁ ପତ୍ର ଲେଖିଥିଲେ। ସେ ଦର୍ଶାଇଥିଲେ, ମାର୍କଣ୍ଡପୁର (ୱାର୍ଡ ନଂ. ୨), ଗୋପାଳସାଗର (ୱାର୍ଡ ନଂ. ୩), ଲାଲାସାହି (ୱାର୍ଡ ନଂ. ୪ ଓ ୫), ମରିଚାପଦା (ୱାର୍ଡ ନଂ. ୬), ଓହଳ (ୱାର୍ଡ ନଂ. ୭) ଆଦି ଅଞ୍ଚଳରେ ପାଣି ସମସ୍ୟା ଜଟିଳ ରହିଛି। ଏନେଇ ଯେତେଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ଜରୁରୀ। ଏହାର ନକଲ ଜିଲାପାଳଙ୍କ ଅବଗତି ନିମନ୍ତେ ପଠାଯାଇଥିବା କୁହାଯାଇଛି। ଏ ସମ୍ପର୍କରେ କେତେଜଣ ସ୍ଥାନୀୟ ଲୋକଙ୍କ କହିବା କଥା ହେଲା, ପିଏଚଡି ସହକାରୀ ଯନ୍ତ୍ରୀ ପାରାଦୀପରେ ନିଯୁକ୍ତି ପାଇଥିବା ବେଳେ ଜଗତ୍‌ସିଂହପୁରରେ ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି। ଏହି ବାହାନାରେ ସେ ଉଭୟ କାର୍ଯ୍ୟାଳୟରେ ଠିକ୍ ଭାବେ କାମ କରୁ ନ ଥିଲେ ସୁଦ୍ଧା ଜିଲାପାଳ ନୀରବ ରହିବା ସେମାନଙ୍କୁ ଯନ୍ତ୍ରଣା ଦେଉଛି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ମୁର୍ମୁ ଓ ନିର୍ବାହୀ ଯନ୍ତ୍ରୀଙ୍କ ସହ ଫୋନରେ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସେମାନେ ଉଠାଇ ନ ଥିଲେ।

# 'ଧାନ ନ ନେଲେ ଋଣ ପରିଶୋଧ କରିବୁ ନାହିଁ'



ଧାରଣାରେ ବସିଥିବା ଚାଷୀମାନେ।

## ମଣ୍ଡି ଆଗରେ ଚାଷୀଙ୍କ ଧାରଣାର ୩ୟ ଦିନ

ଏରସମା, ୬।୪ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ଜପା ସେବା ସମବାୟ ସମିତି ପକ୍ଷରୁ ଖୋଲା ଯାଇଥିବା ମଣ୍ଡିରେ ଧାନ କ୍ରୟରେ ଅନିୟମିତତା ଯୋଗୁ ଶନିବାରଠାରୁ ଆରମ୍ଭ ହୋଇଥିବା ଧାରଣା ସୋମବାର ୩ୟ ଦିନରେ ପହଞ୍ଚିଛି। ସମ୍ପୂର୍ଣ୍ଣ ଧାନ ବିକ୍ରି କରିବାକୁ ଟାର୍ଗେଟ ନ ଆସିଲେ ବାଧ୍ୟ ହୋଇ ଚାଷୀ ଋଣ ପରିଶୋଧ କରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଏଥିସହ ସମବାୟ ସମିତି ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିବେ ବୋଲି ସୁଶାନ୍ତ ଶେଖର ସ୍ୱାଇଁ କହିଛନ୍ତି। ଏହି ଧାରଣାରେ ଭାସ୍କର ସ୍ୱାଇଁ, ସୁବ୍ରତ ସ୍ୱାଇଁ,ବାସୁଦେବ ମହାରଣା,ବସନ୍ତ ସାହୁ, ଦୁର୍ଯ୍ୟୋଧନ ବେହେରା,ଧନେଶ୍ୱର ବେହେରା, ରାଜକିଶୋର ବେହେରା ପ୍ରମୁଖ ସାମିଲ ହୋଇଛନ୍ତି। ଚଳିତ ଖରିଫ ଋତୁରେ ଜପା ପଞ୍ଚାୟତରେ ଖୋଲା ଯାଇଥିବା ମଣ୍ଡିରେ ୩୧୨ ଚାଷୀ ୧୦,୨୮୫ କୁଇଣ୍ଟାଲ ଧାନ ବିକ୍ରୟ କରିବାକୁ ନାମ ପଞ୍ଜୀକରଣ କରିଥିଲେ। ମାତ୍ର ଏବେ ସୁଦ୍ଧା ୨୦୭ ଚାଷୀ ୬୭୩୦ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ଅବଶିଷ୍ଟ ୧୦୫ ଚାଷୀ ୩୫୫୫ କୁଇଣ୍ଟାଲ ଧାନ ଦେବା ପାଇଁ ଅପେକ୍ଷା କରିଛନ୍ତି। ଏଭିଳସ୍ଥିତିରେ ସରକାରଙ୍କ ପକ୍ଷରୁ ୧୮୦୦ କୁଇଣ୍ଟାଲ ଧାନ ନେବା ପାଇଁ ଟାର୍ଗେଟ ଆସିଥିବାରୁ ଚାଷୀ ସମିତି ପ୍ରତିକ୍ରିୟାଶୀଳ ହୋଇଉଠିଛନ୍ତି।

## ସଂକ୍ଷେପରେ

### ବନ ବିଭାଗର ଚଢାଉ: କଟାଯାଇଥିବା ୨ ଝାଉଁ ଗଛ ଜବତ

କୁଜଙ୍ଗ,୬।୪(ମନୋଜ ପ୍ରଧାନ) ଏରସମା ତହସିଲ ଅନ୍ତର୍ଗତ ଖୁରାଣ୍ଟତୁଠ ମୌଜାରେ ରାଜସ୍ୱ ବିଭାଗର ଖାତା ନଂ. ୭୯ ଓ ପ୍ଲଟ ନଂ. ୧୨୫ ସଂରକ୍ଷିତ ଜଙ୍ଗଲ ଦୁଇ କିସମ ଜମିରେ ଥିବା ଜଙ୍ଗଲରୁ ଗଛ କଟାଯାଉଥିବାବେଳେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଦୁଇଟି ଝାଉଁଗଛ ଜବତ କରାଯାଇଛି। ଉକ୍ତ ଜଙ୍ଗଲରେ ଗଛ କାଟୁଥିବା ନେଇ ବିଶେଷ ସୂତ୍ରରୁ ସୂଚନା ପାଇ ନୂଆଗାଁ ସେକ୍ସନ ବନପାଳ ପଦ୍ମନାଭ ରାଉତଙ୍କୁ କୁଜଙ୍ଗ ରେଞ୍ଜର ସଞ୍ଜୟ କୁମାର ପ୍ରଧାନ ଚଢାଉ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ। ରେଞ୍ଜରଙ୍କ ନିର୍ଦ୍ଦେଶ ଅନୁଯାୟୀ ବନପାଳ ରାଉତ ସ୍ୱତନ୍ତ୍ର ସ୍କ୍ୱାଡ୍ ସହାୟତାରେ ଚଢ଼ାଉ କରିବାବେଳେ ୨ ଅଭିଯୁକ୍ତ ଖସି ଯାଇଥିଲେ। ଉକ୍ତ ଜାଗା ରାଜସ୍ୱ ବିଭାଗର ହୋଇଥିବାରୁ ଜବତ କରାଯାଇଥିବା ଗଛ ଏରସମା ତହସିଲଦାରଙ୍କ ନିକଟରେ ଜିମା ଦିଆଯିବା ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଲିଖିତ ଆକାରରେ ଜଣାଯାଇଥିବା ରେଞ୍ଜର ପ୍ରଧାନ କହିଛନ୍ତି।

### ଭାଜପାର ପ୍ରତିଷ୍ଠା ଦିବସ

କୁଜଙ୍ଗ, ୬।୪(ମନୋଜ ପ୍ରଧାନ): କୁଜଙ୍ଗ ବ୍ଲକ ବାଗୋଇ ପଞ୍ଚାୟତ ଅନ୍ତର୍ଗତ କୋଠିଆସାହିସ୍ଥିତ ଶନି ମନ୍ଦିରଠାରେ ସୋମବାର ପଙ୍କପାଳ ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ଚନ୍ଦ୍ରକାନ୍ତି ପଲେଇଙ୍କ ନେତୃତ୍ୱରେ ଭାଜପାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ଦିନଦୟାଲ ଉପାଧ୍ୟାୟଙ୍କ ଏକାତ୍ମମାନବବୋଧ ଚିନ୍ତାଧାରା ଉପରେ ଆଲୋଚନା କରାଯାଇଥିଲା। ଭାଜପାର ମୌଳିକ ଉଦ୍ଦେଶ୍ୟ କିପରି କାର୍ଯ୍ୟକାରୀ ହେବ ସେଥି ଉପରେ ଆଲୋକପାତ କରାଯାଇଥିଲା। ଶେଷରେ ଦିନଦୟାଲ ଉପାଧ୍ୟାୟଙ୍କ ଉପରେ ଲିଖିତ ପୁସ୍ତିକା ସମସ୍ତଙ୍କୁ ବଣ୍ଟନ କରାଯାଇଥିଲା। ଉକ୍ତ ପ୍ରତିଷ୍ଠା ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜୟନ୍ତୀ ଜେନା, ମମତା ମଲ୍ଲିକ, ରୀନା ରାଣୀ ମଲ୍ଲିକ, ଲକ୍ଷ୍ମୀପ୍ରିୟା ଜେନା ଓ ମୀନା ପାତ୍ର ପ୍ରମୁଖ ଭାଗ ନେଇଥଲେ।

### ପୂର୍ବତନ ବ୍ଲକ ଶିକ୍ଷାଧିକାରୀଙ୍କ ପରଲୋକ

ଏରସମା, ୬।୪ (ଦୀପ୍ତି ଖଣ୍ଡୁଆଳ) ଏରସମା ବ୍ଲକ ଅନ୍ତର୍ଗତ ଜପା ପଞ୍ଚାୟତସ୍ଥିତ ଦେଇକା ଗ୍ରାମର ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ଅକ୍ଷୟ ବେହେରା (୬୨)ଙ୍କ ପରଲୋକ ଘଟିଛି। ସୋମବାର ମଧ୍ୟାହ୍ନରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଅକ୍ଷୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବେହେରା କୁଞ୍ଜକୋଠି ପଞ୍ଚାୟତ ଅନ୍ତର୍ଗତ ଖୁରାଣ୍ଟତୁଠସ୍ଥିତ ଅନନ୍ତ କିଶୋର ବିଦ୍ୟାପୀଠରେ ଦୀର୍ଘ ଦିନଧରି ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ତିର୍ତ୍ତୋଲ ଓ ଏରସମା ବ୍ଲକରେ ଶିକ୍ଷାଧିକାରୀ ଭାବେ କାର୍ଯ୍ୟ କରି ୨୦୨୫ ଏପ୍ରିଲ ୩୦ରେ ଅବସର ନେଇଥିଲେ। ତାଙ୍କ ମୃତ୍ୟୁ ଖବରପାଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏରସମା ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଦେଇକାସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ସନ୍ଧ୍ୟାରେ ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର ଆଶିଷ କୁମାର ବେହେରା ମୁଖାଗ୍ନି ଦେଇଥିଲେ।

# ରାସ୍ତାରେ ମଳମୂତ୍ର, ବଢୁଛି ଅସନ୍ତୋଷ

### ୫ ଦଫା ଦାବିରେ ବାସୁଦେବଙ୍କ ନିଆରା ଧାରଣା ଚେତାବନୀ

ଜଗତ୍‌ସିଂହପୁର, ୬।୪ (ପ୍ରମୋଦ କୁମାର ନାୟକ)

ପ୍ରଶାସନ ଓ ପୋଲିସ କାର୍ଯ୍ୟକଳାପ ଓ ନୀରବତା ପ୍ରତିବାଦରେ ୫ ଦଫା ଦାବିରେ ଜଗତ୍‌ସିଂହପୁର ଜିଲାର ଜଣାଶୁଣା ସାମାଜିକ କର୍ମୀ ଆଡ୍‌ଭୋକେଟ୍ ବାସୁଦେବ ଆସନ୍ତା ୧୦ ତାରିଖ ପୂର୍ବାହ୍ନ ୧୦ଟାରେ ଜଗତ୍‌ସିଂହପୁର ଥାନା ଛକ ରାସ୍ତା କଡରେ ଶୋଇରହି ନିଆରା ପ୍ରତିବାଦ କରିବାକୁ ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନରେ ସ୍ଥାନୀୟ କେତେଜଣ ସାମାଜିକ କର୍ମୀ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ଏନେଇ ସୋମବାର ବାସୁଦେବଙ୍କ ସମେତ ଅନ୍ୟ କେତେଜଣ ସାମାଜିକ କର୍ମୀ ଜଗତ୍‌ସିଂହପୁର ସହରରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ବ୍ୟାପକ ପ୍ରଚାର କରିବା ସହ ଅନ୍ୟମାନେ ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି। ଏ ସମ୍ପର୍କରେ ବାସୁଦେବ କହିଛନ୍ତି, ସ୍ଥାନୀୟ କୋର୍ଟ ଛକ ନିକଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ମୁଖ ରାସ୍ତାରେ ମଳ, ମୂତ୍ର ପାଣି ଜମି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ବିଶେଷକରି ଛାତ୍ରୀଛାତ୍ରମାନେ ଏହି ପାଣିରେ ପଶି ଯାତାୟାତ କରିବା ଦୃଶ୍ୟ ଯନ୍ତ୍ରଣାଦାୟକ। ଏଥିଯୋଗୁ ପିଲାମାନେ ସଂକ୍ରମିତ ହେବା ସହ ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି। ରାସ୍ତାରେ ଦୁର୍ଗନ୍ଧ ଯୋଗୁ ନାକ ଫାଟି ପଡୁଛି। ବାଇକ୍ କିମ୍ବା ଅନ୍ୟ ଗାଡିରେ କେହି ଯାତାୟାତ କଲାବେଳେ ପାର୍ଶ୍ୱରେ ଯାଉଥିବା ପିଲାଙ୍କ ଉପରେ ସଂକ୍ରମିତ ପାଣି ଛିଟିକି ପଡୁଛି। କେବଳ ଏହି ଗୋଟିଏ ସ୍ଥାନ ନୁହେଁ, ସହରର ଏକାଧିକ ସ୍ଥାନରେ ଅନୁରୂପ ସମସ୍ୟା ଦେଖିବାକୁ ମିଳିଛି। ସରକାର ସ୍ୱଚ୍ଛ ଭାରତ କଥା କହୁଥିବାବେଳେ ଜିଲା ସଦର ମହକୁମାରେ ଏଭଳି ଦୃଶ୍ୟ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କୁ ଆଦୌ ପ୍ରଭାବିତ ନ କରିବା ଚିନ୍ତାର କାରଣ ହୋଇଛି। ସେହିପରି ସରକାର ଚାଷୀଙ୍କ କଷ୍ଟୋର୍ଜିତ ଧାନ କିଣିବା କ୍ଷେତ୍ରରେ ଆଦୌ ଆନ୍ତରିକତା ପ୍ରକାଶ କରୁନାହାନ୍ତି। ଯେଉଁ କାରଣରୁ ସହସ୍ରାଧିକ ଚାଷୀ ମଣ୍ଡିରେ ଧାନ ବିକ୍ରି କରି ନ ପାରି ବେପାରୀଙ୍କୁ ଶାଗମାଛ ଦରରେ ବିକ୍ରି କରୁଛନ୍ତି। ଅନେକ ଚାଷୀ କରଜ ଶୁଝି ନ ପାରି ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏ ପରିସ୍ଥିତିରେ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ନବ ନିର୍ମାଣ କୃଷକ ସଂଗଠନ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା। ୩ ଜଣ ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିଲେ। ଗତ ୨ ତାରିଖରେ ପ୍ରଶାସନ ଓ ଜଗତ୍‌ସିଂହପୁର ପୋଲିସ ଜୋର୍ ଜବରଦସ୍ତ ସେମାନଙ୍କୁ ଉଠାଇ ଦେଇଥିଲା। ବାସୁଦେବ ଏହି ସଙ୍ଗଠନର ସଦସ୍ୟ ନୁହନ୍ତି। କିନ୍ତୁ ସହାୟତାର ହାତ ବଢ଼ାଇଥିଲେ। ନିଜ ଆଡୁ ଜାତୀୟ ପତାକା, ଡେକ୍ସି ଓ ପାଣି ପିଇବା ସାମଗ୍ରୀ ଦେଇଥିଲେ। ମାତ୍ର ପ୍ରଶାସନ ଜୋର୍ ଜବରଦସ୍ତ ନେଇଥିବା ପତାକା ଫେରାଇଥିଲେ ସୁଦ୍ଧା ଅନ୍ୟ ସାମଗ୍ରୀ ଫେରାଇ ନ ଥିଲେ, ଏହା ତାଙ୍କୁ କଷ୍ଟ ଦେଇଛି। ଏହା ଗଣତନ୍ତ୍ରର ହତ୍ୟା ସଦୃଶ। ଅନ୍ୟପଟେ ଜଗତ୍‌ସିଂହପୁର ଥାନା ଓ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ହେଉଥିବା ଉଦ୍ୟମ ବନ୍ଦ ହେଉ। ଏଥିସହ ଜଗତ୍‌ସିଂହପୁର ଥାନାରେ ନୂଆ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଉ। ଜିଲା ପ୍ରଶାସନ ଓ ପୋଲିସ ଏ ଦିଗରେ ଗୁରୁତ୍ୱ ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ବାସୁଦେବ ଚେତାବନୀ ଦେଇଛନ୍ତି। ଏହି ପ୍ରଚାରରେ ବିଭିନ୍ନ ଛକ ସ୍ଥାନରେ ଅନେକ ଲୋକ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।



ସରସ୍ୱତୀ ଶିଶୁମନ୍ଦିର ସମ୍ମୁଖ ରାସ୍ତାରେ ମଳମୂତ୍ର ପାଣି।

# ଦଳୀୟ ନେତା, କର୍ମୀଙ୍କୁ ଉତ୍ସାହିତ ପାଇଁ ଉଦ୍ୟମ



ଭାଜପା ପ୍ରତିଷ୍ଠା ଦିବସରେ ବିଧାୟକ ଅମରେନ୍ଦ୍ର ଦାସ ଓ ଅନ୍ୟ ନେତୃମଣ୍ଡଳୀ।

## ଜଗତ୍‌ସିଂହପୁରରେ ଭାଜପାର ପ୍ରତିଷ୍ଠା ଦିବସ

ଜଗତ୍‌ସିଂହପୁର, ୬।୪ (ପ୍ରମୋଦ କୁମାର ନାୟକ)

ରାଷ୍ଟ୍ରର ବିକାଶରେ ଭାଜପାର କର୍ମକର୍ତ୍ତାମାନଙ୍କ ବଳିଷ୍ଠ ଅବଦାନ ରହିଛି। ସେମାନଙ୍କ ସେବାମୂଳକ ମନୋଭାବ ଆଜି ଦଳକୁ ପୃଥିବୀର ସର୍ବ ବୃହତ ଦଳର ମାନ୍ୟତା ଦେଇଛି। ତେଣୁ ସେମାନେ ନମସ୍ୟ ବୋଲି ସ୍ଥାନୀୟ ଶାରଦା ମଣ୍ଡପ ପରିସରରେ ଅନୁଷ୍ଠିତ ଭାଜପାର ୪୭ତମ ପ୍ରତିଷ୍ଠା ଦିବସରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି। ପୂର୍ବତନ ଜିଲା ସାଧାରଣ ସମ୍ପାଦକ ଜଗନ୍ନାଥ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ କହିଥିଲେ, ଦଳୀୟ ନେତା ଓ କର୍ମୀଙ୍କ ଆନ୍ତରିକତା ଯୋଗୁ ଆଗାମୀ ଦିନରେ ଦଳ ଅଧିକ ମଜଭୁତ ହେବ। ୧୯୮୦ରେ ଭାଜପା ଗଠନ ହୋଇଥିଲା। ତୃଣମୂଳସ୍ତରରେ ଦଳ ଘରେ ଘରେ ପହଞ୍ଚି ପାରିଛି। ସାଧାରଣ ଜନତାଙ୍କ ଆଶୀର୍ବାଦରେ ଦଳ ଓଡ଼ିଶାରେ ସରକାରକୁ ଆସିଛି। ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁ ଆଜି ଓଡିଶା ଆଗକୁ ଯାଉଛି। ଜନ କଲ୍ୟାଣକାରୀ ସୁଭଦ୍ରା ଯୋଜନାରେ ୧ କୋଟିରୁ ଊର୍ଦ୍ଧ୍ୱ ମା, ଭଉଣୀଙ୍କୁ ପ୍ରତି ପ୍ରତି କିସ୍ତିରେ ୫ ହଜାର ହିସାବରେ ୪ଟି କିସ୍ତିରେ ୨୦ ହଜାର ଟଙ୍କା ହିସାବରେ ସହାୟତା ଯୋଗାଇ ଦିଆଯାଇଛି। କୁଇଣ୍ଟାଲ ପିଛା ଧାନର ଏମଏସ୍‌ପି ୩୧୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସରକାରୀ ବିଦ୍ୟାଳୟଗୁଡ଼ିକରେ ମାଧ୍ୟାହ୍ନ ଭୋଜନ ଯୋଜନା ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମ୍ପ୍ରସାରଣ ହୋଇଛି। ଜଗତ୍‌ସିଂହପୁର ଜିଲାରେ ମେଡିକାଲ କଲେଜ, ବିଶ୍ୱବିଦ୍ୟାଳୟ ଆଦି ଖୋଲିବାକୁ ଯାଉଛି। ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକତା ଯୋଗୁ ଆଗାମୀ ଦିନରେ ଜିଲାବାସୀ ଆହୁରି ଉପକୃତ ହେବାର ସମ୍ଭାବନା ରହିଥିବା ବିଧାୟକ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ସ୍ୱାଇଁ, ସୌଭାଗ୍ୟ ମହାନ୍ତି, ସୁଶାନ୍ତ ରଞ୍ଜନ ସ୍ୱାଇଁ, ସୁରେଶ ନନ୍ଦ, ଅକ୍ଷୟ ପାତ୍ର, ଶ୍ରୀକାନ୍ତ ଚୌଧୁରୀ ପ୍ରମୁଖଙ୍କ ସମେତ ନାଉଗାଁ, ଜଗତ୍‌ସିଂହପୁର ବ୍ଲକ ଅଞ୍ଚଳର ଶହସ୍ରାଧିକ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ୫୫ ଅଭିଯୋଗ

### ୮ ଅଭିଯୋଗର ତତ୍କାଳ ଫଇସଲା

ନାଉଗାଁ,୬।୪(ସୁଧା ବେହୁରା)

ନାଉଗାଁ ବ୍ଲକର ଜ୍ୟୋତି ଫେଡରେଶନ ସମ୍ମିଳନୀ କକ୍ଷରେ ଜଗତ୍‌ସିଂହପୁର ଜିଲା ପ୍ରଶାସନ ଓ ନାଉଗାଁ ବ୍ଲକ ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲା ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ସମୁଦାୟ ୫୫ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ଗ୍ରାମ୍ୟ ଓ ଗୋଷ୍ଠୀଗତ ସମ୍ପର୍କିତ ୧୪ ଓ ବ୍ୟକ୍ତିଗତ ସମସ୍ୟା ଉପରେ୪୧ ଅଭିଯୋଗ ହୋଇଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ଆବାସ ଯୋଜନା ସମ୍ପର୍କୀୟ ୮, ଜମିଜମା ସମସ୍ୟା ୧୨, ପୋଲିସ ସହାୟତା ପାଇଁ ୩, ରାସନ କାର୍ଡ ସମସ୍ୟା ୨ ଏବଂ ଅନ୍ୟାନ୍ୟ ୮ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ସେଥିରୁ ୮ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଅଭିଯୋଗଗୁଡ଼ିକ ମଧ୍ୟରେ ଅଲଣା ପଞ୍ଚାୟତରେ ପାନୀୟ ଜଳ ପ୍ରକଳ୍ପ ଥାଇ ମଧ୍ୟ ନହଡିପଡା, ଚଟରାଗଡ ବସ୍ତି ବାସିନ୍ଦା ଖରାଦିନେ ପିଇବା ପାଣି ପାଉ ନଥିବା ଗ୍ରାମର ତୁଷାର ମହାନ୍ତି, ବାମ ଭୋଇ, ନାରାୟଣ ସେଠୀ ପ୍ରମୁଖ ଅଭିଯୋଗ କରିଥିଲେ। ନାଉଗାଁ ବ୍ଲକକୁ ସଂଯୋଗ କରୁଥିବା ମୁଖ୍ୟ ସଂଯୋଗକାରୀ ରାସ୍ତା ବାଲିଭଉଁରୀ–ଶିଖରଘାଟ ରାସ୍ତା ନବୀକରଣ ଓ ଉନ୍ନତୀକରଣ କରିବା ପାଇଁ ବଂଶୀଧର ବେହେରା ଅଭିଯୋଗ କରିଥିଲେ। ନାଉଗାଁ ଥାନାରେ ୧୧୨ ଗାଡ଼ି ବ୍ୟବସ୍ଥା କରିବା ପାଇଁ ଗଜରାଜପୁରର ଗୌରାଙ୍ଗ ଦାସ ଅଭିଯୋଗ କରିଥିଲେ। ହାତୀ ଜୋରର ଜବରଦଖଲ ଉଚ୍ଛେଦ ପାଇଁ ଅଲଣା ପଞ୍ଚାୟତ ବେଣାପଡା ଗ୍ରାମର ନବକିଶୋର ମହାନ୍ତି, ତ୍ରୈଲୋକ୍ୟ ମହାନ୍ତି, ମହେନ୍ଦ୍ର ମଲିକ ପ୍ରମୁଖ ଅଭିଯୋଗ କରିଥିଲେ। ସେହିପରି ଶିଖର ପଞ୍ଚାୟତ ସାରେଇକୂଳଠାରେ ନିର୍ମାଣ କରାଯାଉଥିବା ବସ୍‌ଷ୍ଟାଣ୍ଡକୁ ବନ୍ଦ କରିବା ପାଇଁ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲାପାଳ ଜ୍ୟୋତିଶଙ୍କର ରାୟ, ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଆଜିଙ୍କ୍ୟ ମାଣେ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସତ୍ୟବ୍ରତ ଦାସ, ବିଡିଓ ନିରଞ୍ଜନ ପରିଡା, ତହସିଲଦାର ଅକ୍ଷୟ କୁମାର ବଡୁଙ୍କ ସହ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଓ କ୍ଷେତ୍ର ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗ ଶୁଣାଣି କରିଥିଲେ।

# ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ବି ଆଶ୍ରମ ଯାଇପାରିଲେନି ବାବା ଗଦାଧର

### ଶାଳିଜଙ୍ଗା ମହିମା ଆଶ୍ରମରେ ଜମି ହଡ଼ପ ମାମଲା

### ଶାନ୍ତି କମିଟି ସହ ଆଲୋଚନା ବିଫଳ

ନାଉଗାଁ, ୬।୪( ସୁଧା ବେହୁରା)

ଜଗତସିଂହପୁର ଜିଲା ନାଉଗାଁ ଥାନା ଅନ୍ତର୍ଗତ ଶାଳିଜଙ୍ଗା ମହିମା ଆଶ୍ରମରେ ଦୀର୍ଘ ଦିନ ହେବ ଅନ୍ତେବାସୀ ,ଗ୍ରାମବାସୀଙ୍କ ସହ ବାବା ଗଦାଧର ଦାସ ଓ ରୀନା ମା'ଙ୍କ ବିବାଦ ଲାଗି ରହିଛି। ବିବାଦ ଉପୁଜିବା ପରେ ଉଭୟ ବାବା ଓ ମାତା ଆଶ୍ରମରୁ ବାହାରି ଚାଲିଯାଇଥିଲେ। ଗ୍ରାମବାସୀ ଆଶ୍ରମ ମଧ୍ୟରେ ଉଭୟଙ୍କୁ ରଖିବା ପାଇଁ ମନା କରିଦେଇଥିଲେ। ଶେଷରେ ବାବା ଦାସ ଓ ରୀନା ମା' ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟର ଅର୍ଡର ନଂ ଅନୁସାରେ ଉଭୟ ଆଶ୍ରମ ରେ ରହିପାରିବେ ବୋଲି ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶନୁସାରେ ସୋମବାର ବାବା ଗଦାଧର ଦାସ ଓ ରୀନା ମା' ଥାନାରେ ପହଞ୍ଚିଥିଲେ। ଥାନାରେ ଏସ୍‌ଡିପିଓ ଆଜିଙ୍କ୍ୟ ମାଣେ, ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟ ପ୍ରକାଶ ଦାସ , ଥାନାଧିକାରୀ ଦେବାଶୀଷ ପଣ୍ଡା, ତହସିଲଦାର ଅକ୍ଷୟ ବଡୁ, ଅତିରିକ୍ତ ତହସିଲଦାର ଶରତ କୁମାର ପରିଡାଙ୍କ ସମେତ ଶାନ୍ତି କମିଟି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ମାତ୍ର ଉକ୍ତ ଆଲୋଚନାରୁ କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା। ଉଭୟ ବାବା ଓ ମାତା ଆଶ୍ରମ ମଧ୍ୟକୁ ଯାଇପାରିବେ ନାହିଁ ବୋଲି କମିଟିର ସଦସ୍ୟମାନେ ମନା କରିଦେଇଥିଲେ। ଫଳରେ ଉଭୟ ଆଶ୍ରମକୁ ଯାଇ ପାରି ନ ଥିଲେ। ମଙ୍ଗଳବାର ପୋଲିସ ସୁରକ୍ଷା ସହ ଆଶ୍ରମକୁ ନିଆଯିବ ବୋଲି ଏସ୍‌ଡିପିଓ ଆଜିଙ୍କ୍ୟ ମାଣେ ସୂଚନା ଦେଇଛନ୍ତି।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଆଗରେ ଚାଷୀଙ୍କ ଧାରଣା

- ଦେଢ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅଟକ ରହିଲେ ପ୍ରଶସାନିକ ଅଧିକାରୀ
- ଟାର୍ଗେଟ ଆସିବା ପରେ ଅଧିକାରୀଙ୍କୁ ଛାଡିଲେ ଚାଷୀ

ନାଉଗାଁ, ୬।୪(ସୁଧା ବେହୁରା)





ଜନଶୁଣାଣି ଶିବିର ଆଗରେ ଧାରଣା ଦେଇଛଥିବା ଚାଷୀ।

ନାଉଗାଁ ବ୍ଲକରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଆଗରେ ୧୬ ପଞ୍ଚାୟତର ଚାଷୀ ଧାରଣାରେ ଦେଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବ୍ଲକର ୬ଟି ସମବାୟ ସମିତି ମାଧ୍ୟମରେ ଚାଷୀଙ୍କ ନାମ ପଞ୍ଜୀକୃତ ହୋଇଛି। ମାତ୍ର ଏପର୍ଯ୍ୟନ୍ତ ପଞ୍ଜୀକୃତ ଚାଷୀମାନେ ମଣ୍ଡିରେ ଧାନ ଦେଇପାରୁନାହାନ୍ତି। ପୁନର୍ବାର ଟାର୍ଗେଟ ପ୍ରଦାନ କରିବାକୁ ଦାବି କରି ଚାଷୀମାନେ ୨ ପ୍ରଶସାନିକ ଅଧିକାରୀଙ୍କୁ ଦୀର୍ଘ ଦେଢ ଘଣ୍ଟା ପର୍ଯ୍ୟନ୍ତ ଅଟକ ରଖିଥିଲେ। ଦୀର୍ଘ ଦିନ ହେବ ଚାଷୀ ଟୋକନ ପାଇଥିଲେ ମଧ୍ୟ ଧାନ ବିକ୍ରି କରିବାର ସମୟ ଅବଧି ବାରମ୍ବାର ପରିବର୍ତ୍ତନ କରାଯାଉଛି। ଫଳରେ ଧାର, କରଜ କରି ଚାଷ କରିଥିବା ଚାଷୀଙ୍କୁ ଋଣ ଭାର ଆକ୍ରାନ୍ତ କଲାଣି। ଧାନ ବିକ୍ରି କରିପାରୁ ନ ଥିବା ଅଭିଯୋଗ କରି ବ୍ଲକର ବିଭିନ୍ନ ପଞ୍ଚାୟତ ଶତାଧିକ ଚାଷୀ ଓ ନବ ନିର୍ମାଣ କୃଷକ ସଙ୍ଗଠନର ସଦସ୍ୟ ଅଶୋକ ସ୍ୱାଇଁ, କୈଳାସ ଚନ୍ଦ୍ର ପରିଡା,ଉତ୍ତମ ସ୍ୱାଇଁ, ଶ୍ରୀଧର ସାହୁ, ପ୍ରକାଶ ଚନ୍ଦ୍ର ଲେଙ୍କା, ଚତୁର୍ଭୁଜ ମହାନ୍ତି, ବସନ୍ତ ସ୍ୱାଇଁ, ଜଟାଧରୀ ଦାସ, ନିମାଇଁ ପରିଡା ପ୍ରମୁଖ ଧରଣାରେ ବସି ଥିଲେ। ଏଥିସହ ଏକ ଅଭିଯୋଗପତ୍ର ଜିଲାପାଳଙ୍କ ଜନଶୁଣାଣିରେ ପ୍ରଦାନ କରିଥିଲେ। ଖୁବ ଶୀଘ୍ର ଚାଷୀମାନଙ୍କର ଧାନ ବିକ୍ରି ପାଇଁ ଟାର୍ଗେଟ ପ୍ରଦାନ କରାଯିବ ବୋଲି ପ୍ରଶାସନିକ ଅଧିକାରୀମାନେ କହିଥିଲେ। ଟାର୍ଗେଟ୍ ନ ଆସିବା ପର୍ଯ୍ୟନ୍ତ ଜିଲା ଯୋଗାଣ ଅଧିକାରୀ ଜିତେନ୍ଦ୍ର ଟୁଡୁ, ଡିଆରସିଏସ ପ୍ରଭାତ ଚନ୍ଦ୍ର ଶତପଥୀଙ୍କୁ ଚାଷୀମାନେ ଅଟକ ରଖିଥିଲେ। ଏହା ପରେ ୪ ସମବାୟ ସମିତିକୁ ଆବଶ୍ୟକ ଅନୁଯାୟୀ ଟାର୍ଗେଟ ପ୍ରଦାନ କରାଯାଇଥିଲା। ସେଥିମଧ୍ୟରୁ ଗଜରାଜପୁର ସମବାୟ ସମିତିକୁ ୧୨୫ ଜଣ ଚାଷୀଙ୍କ ପାଇଁ ୩ ହଜାର କୁଇଣ୍ଟାଲ,ଅଲଣାର ୩୭ ଜଣ ଚାଷୀଙ୍କ ପାଇଁ ୧୩୯୨ କୁଇଣ୍ଟାଲ ,ତିରୁଣାର ୧୨୦ ଜଣ ଚାଷୀଙ୍କ ପାଇଁ ୨୬୦୦ କୁଇଣ୍ଟାଲ,ଶିଖର ସମବାୟ ସମିତିର ୫୫ ଜଣ ଚାଷୀଙ୍କ ପାଇଁ ୧୧୨୦ କୁଇଣ୍ଟାଲ ଧାନ ପ୍ରଦାନ ପାଇଁ ଟାର୍ଗେଟ ଦିଆଯାଇଥିଲା। ଉକ୍ତ ଟାର୍ଗେଟ ଆସିବା ପରେ ଚାଷୀମାନେ ଅଧିକାରୀଦ୍ୱୟଙ୍କୁ ଛାଡ଼ିଥିଲେ।

# ଜେଲ ଗଲେ ବଡ଼ବାପା ସମେତ ୬ ଅଭିଯୁକ୍ତ

ନୟାଗଡ/ରଣପୁର, ୬।୪
(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)


ଖବରଦାତା ସମ୍ମିଳନୀରେ ଏସ୍‌ପି ଓ ଅନ୍ୟମାନେ ହତ୍ୟା ସମ୍ପର୍କରେ ସୂଚନା ଦେଉଛନ୍ତି।

ନୟାଗଡ଼ ଜିଲା ରଣପୁର ଥାନା ସୁନାଖଳା ଫାଣ୍ଡି କୋଦଳାପଲ୍ଲୀ ଗାଁରେ ଘଟିଥିବା ବିକାଶ ହତ୍ୟା ଘଟଣାର ୨ମାସ ପରେ ଗୁମର ଫିଟିଛି । ସିନ୍ଧୁରିଆ ଗାଁର ବିକାଶ ପ୍ରଧାନଙ୍କୁ ପ୍ରେମିକାଙ୍କ ବାପ ଘର ପକ୍ଷରୁ ହତ୍ୟା କରାଯାଇଥିବା ରଣପୁର ଥାନାରେ ସୋମବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନୟାଗଡ ଏସ୍‌ପି ଏସ. ସୁଶ୍ରୀ ପ୍ରକାଶ କରିଛନ୍ତି। ପ୍ରେମିକାଙ୍କୁ ଗଛରେ ବାନ୍ଧି ପିଟି ହତ୍ୟା କରିବା ପରେ ପ୍ରମାଣ ଲୁଚାଇବାକୁ ଯାଇ ନିକଟସ୍ଥ କଣିଆଁ ନାଳରେ ଫୋପାଡି ଦେଇଥିଲେ । ଏହି ଘଟଣାରେ ପ୍ରେମିକାଙ୍କ ବଡ ବାପା ସିନ୍ଧୁରିଆ ଗାଁର ବ୍ରଜବନ୍ଧୁ ପ୍ରଧାନ(୫୫)ଙ୍କ ସମେତ ପରିବାରର ମାନସ ପ୍ରଧାନ(୨୩), ସୁଶାନ୍ତ କୁମାର ପ୍ରଧାନ(୨୫), ମନୋଜ କୁମାର ପ୍ରଧାନ(୨୧), ସଦାନନ୍ଦ ପ୍ରଧାନ(୨୧) ଓ ନରୋତମ ପ୍ରଧାନ(୪୫)ଙ୍କୁ ରଣପୁର ସବ୍‌ଜେଲକୁ ଯିବାକୁ ପଡିଛି ।

ଏସ୍‌ପିଙ୍କ ସୂଚନା ଅନୁସାରେ ବରପଲ୍ଲୀ ଗାଁର ଭୀମସେନ ପ୍ରଧାନଙ୍କ ବଡପୁଅ ବିକାଶ (୨୧) ସିନ୍ଧୁରିଆ ଅଞ୍ଚଳର ଉର୍ମିଳା(ଛଦ୍ମନାମ) ନାମ୍ନୀ ଯୁବତୀଙ୍କୁ ଭଲ ପାଉଥିଲେ। ପ୍ରେମିକା ଉର୍ମିଳାଙ୍କୁ ଦେଖା କରିବା ପାଇଁ ବିକାଶ ଗତ ଜାନୁଆରୀ ୨୬ରେ କୋଦଳାପଲ୍ଲୀ ଗାଁର ଏକ ଭୋଜିରେ ଯୋଗ ଦେବାକୁ ସ୍କୁଟି ଯୋଗେ ସାଙ୍ଗ ସହ ଆସିଥିଲେ। ତେବେ ଭୋଜି ସ୍ଥାନଠାରୁ କିଛି ଦୂରରେ ସ୍କୁଟି ସାଙ୍ଗକୁ ଦେଇ ଅପେକ୍ଷା କରିଥାଅ ବୋଲି କହି ପ୍ରେମିକାକୁ ଦେଖା କରିଥିଲେ। ପ୍ରେମିକାର ପରିବାର ଲୋକ ଉଭୟଙ୍କର ପ୍ରେମ ସମ୍ପର୍କ ବିଷୟରେ ଜାଣିବା ପରେ

**ବରପଲ୍ଲୀ ବିକାଶ ହତ୍ୟା ମାମଲା**
- ଝିଆରୀଙ୍କ ପ୍ରେମିକଙ୍କୁ କରାଯାଇଥିଲା ହତ୍ୟା
- ପ୍ରମାଣ ଲୁଚାଇବା ପାଇଁ ଫୋପାଡିଥିଲେ ନାଳରେ

ଉତ୍ତେଜିତ ହୋଇ ବିକାଶଙ୍କୁ ଅଟକ ରଖି ପଚରାଉଚୁରା କରିଥିଲେ । ସେପଟେ ଝିଅକୁ ଚାଲି ଯିବାକୁ କହିଥିଲେ । ପରବର୍ତ୍ତୀ ସମୟରେ ବିକାଶଙ୍କୁ ଗାମୁଛା ଦ୍ୱାରା ଗଛରେ ବାନ୍ଧି ଠେଙ୍ଗାରେ ମିଳିତ ଭାବେ ନିସ୍ତୁକ ମାଡ ମାରିଥିଲେ । ଠେଙ୍ଗା ମାଡରେ ବିକାଶର ମୃତ୍ୟୁ ପରେ ପ୍ରମାଣ ଲୁଚାଇବାକୁ ଯାଇ ତାଙ୍କୁ କଣିଆଁ ନାଳରେ ଫୋପାଡି ଦେଇଥିଲେ । ଏପରିକି ମାଡ ମରାଯାଇଥିବା ଠେଙ୍ଗା, ବିକାଶଙ୍କ ଚପଲକୁ ନାଳ ପାଖରେ ପକାଇ ଦେଇ ଫେରି ଆସିଥିଲେ। ପୁଣି ବିକାଶଙ୍କ ସାଙ୍ଗକୁ ଯାଇ ଧମକେଇବା ପରେ ସେ ଚାଲି ଯାଇଥିଲେ । ପରବର୍ତ୍ତୀ ସମୟରେ ବିକାଶଙ୍କ ମୃତଦେହ ୫ମ ଦିବସରେ କଣିଆଁ ନାଳରେ ପଡିଥିବାର କେତେକ ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ । ସେପଟେ ବିକାଶ ନିଖୋଜ ନେଇ ବଡ ଭାଇ ମାନସ ପ୍ରଧାନ ଗତ ଜାନୁଆରୀ ୨୭ ତାରିଖରେ ଅଭିଯୋଗ କରିଥିଲେ। ଘଟଣା ଜାଣିପାରି ପରିବାର ଲୋକ ଆସି ଦେଖିବା ପରେ ମୃତଦେହ ବିକାଶଙ୍କର ବୋଲି ଚିହ୍ନଟ କରିଥିଲେ । ବିକାଶଙ୍କୁ ହତ୍ୟା କରାଯାଇଥିବାର ଗତ ଜାନୁଆରୀ ୩୧ରେ ଅଭିଯୋଗ ପରେ ପୋଲିସ ନଂ.୩୧/୨୬ରେ ହତ୍ୟା ମାମଲା ରୁଜୁ କରି ତଦନ୍ତ କରିଥିଲା। ପାରିପାର୍ଶ୍ୱିକ ସ୍ଥିତି, ବ୍ୟବଚ୍ଛେଦ ରିପୋର୍ଟ, ବିଭିନ୍ନ ପ୍ରକାର ପ୍ରମାଣକୁ ଭିତି କରି ପୋଲିସ ଜାଣିବାକୁ ପାଇଥିଲା ପ୍ରେମ ପାଇଁ ହତ୍ୟା ହୋଇଛି। ପରେ ଘଟଣା ତଦନ୍ତ କରି ପ୍ରେମିକାଙ୍କ ବଡବାପା ସମେତ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜାମିନି ନାମଞ୍ଜୁର ପରେ ଅଭିଯୁକ୍ତମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା, ରଣପୁର ଥାନା ଆଇଆଇସି ଆଶିଷ କୁମାର ସାହୁ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ସିଦ୍ଧ ବାସେଲୀଙ୍କ ଚଇତି ପର୍ବ ଉଦ୍‌ଯାପିତ

ଖଣ୍ଡପଡା,୬।୪(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ କଣ୍ଟିଲୋ ପଞ୍ଚାୟତ ଫକୀରଅତବୁଦ୍ଧି ପାଟଣାସ୍ଥିତ କୈବର୍ତ୍ତ ସମାଜର ଗତ ୨ ତାରିଖ ଚୈତ୍ର ପୂର୍ଣ୍ଣମୀଠାରୁ ଅନୁଷ୍ଠିତ ହୋଇଥିବା ସିଦ୍ଧବାସେଲୀଙ୍କ ଚଇତିପର୍ବ ସୋମବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି।

ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବର୍ଷା ବିଜୁଳି ଘଡଘଡି ଓ ପବନ ଯୋଗୁ ବିଦ୍ୟୁତ୍ ସରବରାହ ବନ୍ଦ ଯୋଗୁ ବିଳମ୍ବିତ ରାତିରେ କୈବର୍ତ୍ତ ସମାଜ ପକ୍ଷରୁ ଏକ ପାଟପଟୁଆର ଶୋଭାଯାତ୍ରାରେ ଠାକୁରାଣୀଙ୍କୁ ସାହି ବିଜେ କରାଯାଇ ପ୍ରତ୍ୟେକଙ୍କ ଦୁଆରରେ ଚାଚେରୀ ଭୋଗ ଖାଇ ପରେ ସୁବାଷ ନାୟକଙ୍କ ପକ୍ଷରୁ ପଞ୍ଜିଖାଇ କୋଠୀକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଉଦ୍‌ଯାପନୀ ପର୍ବ ରାତିରେ କୈବର୍ତ୍ତ ସମ୍ପ୍ରଦାୟର ଆରାଧ ମା’ ସିଦ୍ଧବାସେଲୀଙ୍କ ଚଳନ୍ତି ଠାକୁର ଅଶ୍ୱ ମସ୍ତକ ଖଚିତ ଅଶ୍ୱକୁ ବାହାର କରାଯାଇ ପାଟପଟୁଆରରେ ଗ୍ରାମ ବିଜେ କରାଯାଇଥିଲା । ଗମ୍ଭରାକୁ ପ୍ରତ୍ୟାବର୍ତ୍ତନ ସମୟରେ ପ୍ରତ୍ୟେକଙ୍କ ଦ୍ୱାରରେ ପାରମ୍ପରିକ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ କୈବର୍ତ୍ତ ସମାଜର ସମସ୍ତ କର୍ମକର୍ତ୍ତା ଓ ଜାତିଭାଇ ପ୍ରମୁଖ ପରିଚାଳନା କରିଥିବା ଜଣାଯାଇଛି।

# ଖଣ୍ଡପଡା ଏନ୍‌ଏସି ପକ୍ଷରୁ ସ୍ୱଚ୍ଛ ଓଡ଼ିଶା ଦିବସ ପାଳିତ


କାର୍ଯ୍ୟକ୍ରମରେ ଭାଜପା କର୍ମକର୍ତ୍ତାମାନେ ।

ଖଣ୍ଡପଡ଼ା, ୬।୪(ଅଜୟ କୁମାର ମହାରଣା)

ଭାଜପା ପ୍ରତିଷ୍ଠା ଦିବସ ପାଳନ ଅବସରରେ ଖଣ୍ଡପଡ଼ା ଏନ୍‌ଏସି କାର୍ଯ୍ୟାଳୟ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ନେଇ ସ୍ୱଚ୍ଛ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଖଣ୍ଡପଡା ସହରର ଗିରି ହନୁମାନଙ୍କ ପୀଠ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ଆରତୀ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର,ବରିଷ୍ଠ ଯନ୍ତ୍ରୀ ଦେବବ୍ରତ ମିଶ୍ର, ସାମାଜିକ କର୍ମୀ ବିଧାନ ଚନ୍ଦ୍ର ପ୍ରଧାନଙ୍କ ସମେତ ସମସ୍ତ କର୍ମଚାରୀ ଓ କାଉନସିଲରମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସ୍ୱଚ୍ଛ ପରିବେଶ,ସୁସ୍ଥ ପରିବେଶ ଆଧାରରେ ଖଣ୍ଡପଡା ସହରର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା

**ଭାଜପାର ପ୍ରତିଷ୍ଠା ଦିବସ**

ଦିଗରେ ସଫେଇ କର୍ମଚାରୀମାନେ ଅଧିକ ଯତ୍ନବାନ ହେବାକୁ ଅଧ୍ୟକ୍ଷା ପରାମର୍ଶ ଦେଇଥିଲେ। ପରେ ଅଧ୍ୟକ୍ଷାଙ୍କ ଉପସ୍ଥିତିରେ ସ୍ଥାନୀୟ ରଥଗଡା ଛକରେ ଜଳଛତ୍ରର ଶୁଭାରମ୍ଭ କରାଯାଇଥିଲା। ଅପରାହ୍ନରେ ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ଅଧ୍ୟକ୍ଷା ଶ୍ରୀମତୀ ପ୍ରଧାନ ବିଭିନ୍ନ ୱାର୍ଡର ୧୫ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପତ୍ର ବଣ୍ଟନ କରିଥିଲେ। ସେହିପରି ନୂତନ ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ କରାଯାଇଥିବା ଜଣାପଡିଛି। ଆବାସ ଯୋଜନାରେ କାର୍ଯ୍ୟାଦେଶପତ୍ର ଓ ନୂତନ ଖାଉଟି କାର୍ଡ ପାଇ ହିତାଧିକାରୀମାନେ ଆନନ୍ଦ ପ୍ରକାଶ କରିଥିବା ଜଣାଯାଇଛି।

## ସଂକ୍ଷେପରେ

### ବାଘୁଆ ମହୁମାଛି ଆକ୍ରମଣରେ ବୃଦ୍ଧ ଗୁରୁତର ଉଦ୍ଧାର କରିବାକୁ ଯାଇ ୪ ଆହତ

ମୋହନା,୬।୪(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ବ୍ଲକ ଅନ୍ତର୍ଗତ ପାଣିଗଣ୍ଡା ଗାଁର ଜଣେ ବୃଦ୍ଧ ବାଘୁଆ ମହୁମାଛି ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି । ସେ ହେଲେ ଗୋବିନ୍ଦ ପାତ୍ର (୮୫)। ତାଙ୍କୁ ଉଦ୍ଧାର କରିବାକୁ ଯାଇ ଗ୍ରାମର ୪ ଯୁବକ କ୍ରିଷ୍ଣା ମାଝୀ, ପପୁ ପାତ୍ର, ଚନ୍ଦ୍ର ପାଇକ ଓ ମୁକେଶ ପାତ୍ର ମଧ୍ୟ ଆହତ ହୋଇଛନ୍ତି। ଗ୍ରାମବାସୀଙ୍କ ସହଯୋଗରେ ସମସ୍ତ ଆହତଙ୍କୁ ଆମ୍ବୁଲାନ୍ସରେ ଅଡ଼ବା ଡାକ୍ତରଖାନାକୁ ନିଆଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା । ଗୋବିନ୍ଦଙ୍କୁ ଅଧିକ ଚିକିତ୍ସା ପାଇଁ ଡାକ୍ତର ଅମରେଶ ପାତ୍ର ମୋହନା ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଦୀର୍ଘ ୪ ଘଣ୍ଟା ପରେ ଗୋବିନ୍ଦଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରିଥିବା ଡାକ୍ତର ଜିତେନ୍ଦ୍ର ପ୍ରସାଦ ଦାଶ କହିଛନ୍ତି। ପ୍ରକାଶ ଯେ, ନିଜ ଘର ପାଖରେ ଥିବା ଆମ୍ବ, ପଣସ ତୋଟାରୁ ଗୋବିନ୍ଦ ଘରକୁ ଫେରିବାବେଳେ ରାସ୍ତାରେ ଚର୍ଚ୍ଚ ପାଖ ନଡ଼ିଆ ଗଛରୁ ବାଘୁଆ ମହୁମାଛି ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଗ୍ରାମର ୪ ଯୁବକ ହେଲମିଟ ପିନ୍ଧି ତାଙ୍କୁ ଉଦ୍ଧାର କରିବା ବେଳେ ସେମାନଙ୍କୁ ମଧ୍ୟ ମହୁମାଛି ଆକ୍ରମଣ କରିଥିଲା।

### ଜୁଆ ଆଡ୍ଡାରୁ ୬ ଗିରଫ

ଶେରଗଡ଼, ୬।୪ (ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ଼ ଅଞ୍ଚଳରେ ଜୁଆଆଡ୍ଡା ଚାଲିଥିବା ଖବର ମିଳିବା ପରେ ରବିବାର ରାତିରେ ଗଞ୍ଜାମ ପୋଲିସ ମୁଖ୍ୟାଳୟ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଜୁଆ ଖେଳରୁ ୬ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୫୪,୬୭୦ ଟଙ୍କା ଜବତ କରାଯାଇଛି। ପ୍ରୋବେଶନାରୀରେ ଥିବା ଆଇପିଏସ ଅଫିସର ନିତେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଗୋଟିଏ ପ୍ଲାଟୁନ ଫୋର୍ସ ଚଢ଼ାଉ କରିଥିଲେ। ଏ ନେଇ ଶେରଗଡ଼ ଥାନାରେ ନଂ. ୧୦୭/୨୬ରେ ମାମଲା ରୁଜୁ କରାଯାଇଛି।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି


ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ନୟାଗଡ଼,୬।୪(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଜିଲାପାଳ ମଧୁମିତା ରଥ ଓ ଏସପି ଏସ୍. ସୁଶ୍ରୀଙ୍କୁ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ୍, ଅତିରିକ୍ତ ଜିଲାପାଳ ରୋଜିନା ଦାସ,

**୧୪୦ରୁ ୩୭ ଅଭିଯୋଗର ହେଲା ସମାଧାନ**

ସିଡିଏମ୍‌ଓ ପୁଷ୍ପା ନିଳିମା ଲାକ୍ରା, ଅତିରିକ୍ତ ଏସ୍‌ପି ଜ୍ୟୋତି ରଞ୍ଜନ ସମାନ୍ତରାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଶୁଣାଣିରେ ସହଯୋଗ କରିଥିଲେ । ଅଭିଯୋଗ ଶୁଣାଣିରେ ୧୪୦ ଅଭିଯୋଗ ଆସିଥିବା ବେଳେ ଏଥିରୁ ମାତ୍ର ୩୭ ଅଭିଯୋଗର ଶୁଣାଣି କରାଯାଇ ସମାଧାନ କରାଯାଇଛି । ଅବଶିଷ୍ଟ ଅଭିଯୋଗଗୁଡିକ ବିଭାଗୀୟ ଅଧିକାରୀଙ୍କ ନିକଟକୁ ସମାଧାନ କରିବା ପାଇଁ ପଠାଯାଇଛି । ତେବେ ଆଜିର ମୋଟ ଅଭିଯୋଗ ୧୪୦ରୁ ୧୧୫ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୮ଟି ସାମୁହିକ, ୧୭ଟି ମୁଖ୍ୟମନ୍ତ୍ରୀ ରିଲିଫ ପଣ୍ଡ ବାବଦୀୟ ଥିଲାବୋଲି ଜଣାପଡିଛି ।

# କାଳ ବୈଶାଖୀ ପ୍ରଭାବରେ ବର୍ଷା, ପବନ ସହ ବିଦ୍ୟୁତ୍ ସରବରାହ ବ୍ୟାହତ

ଖଣ୍ଡପଡା,୬।୪(ଅଜୟ କୁମାର ମହାରଣା)

ଖଣ୍ଡପଡା ଅଞ୍ଚଳରେ ସୋମବାର ଅପରାହ୍ନରେ କାଳ ବୈଶାଖୀ ପ୍ରଭାବରେ ଘଡଘଡି ସହ ବର୍ଷା, ପବନ ହେବା ଯୋଗୁ ବିଭିନ୍ନ ସ୍ଥାନରେ ଗଛଡାଳ ଭାଙ୍ଗି ବିଦ୍ୟୁତ ଖୁଣ୍ଟ ଓ ତାରରେ ପଡିବା ଫଳରେ ବିଦ୍ୟୁତ ସରବରାହ ବନ୍ଦ ରହିଥିବା ଜଣାପଡିଛି। ବିଶେଷ କରି ଏହି କାଳ ବୈଶାଖୀ ପ୍ରଭାବରେ ଖଣ୍ଡପଡା ବ୍ଲକ ଅଧୀନ ଜଗନ୍ନାଥ ପ୍ରସାଦ ପଞ୍ଚାୟତର ବିଭିନ୍ନ ସ୍ଥାନରେ ରାସ୍ତା କଡରେ ଥିବା ଗଛମାନ ଭାଙ୍ଗି ବିଦ୍ୟୁତ ତାର ଉପରେ ପଡିବା ଦ୍ୱାରା ତାରଛିଣ୍ଡି ଖବର ଲେଖାହେବା ପର୍ଯ୍ୟନ୍ତ ସରବରାହ ସ୍ୱାଭାବିକ ହୋଇ ନ ଥିବା ଜଣାଯାଇଛି। ଅପରପକ୍ଷରେ ଗତ କିଛି ଦିନ ହେଲା ଗ୍ରୀଷ୍ମ ପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିବା ବେଳେ ଆଜିର କାଳବୈଶାଖୀ ବର୍ଷା ପ୍ରଭାରେ ଅଞ୍ଚଳବାସୀ ଆଶ୍ୱସ୍ତ ଲାଭ କରିବା ସହ ଗ୍ରୀଷ୍ମ ତାତିରୁ ସାମାନ୍ୟ ମୁକ୍ତି ପାଇଛନ୍ତି।

# ଆକ୍ରମଣ ଘଟଣାରେ ୪ ଗିରଫ

ବ୍ରହ୍ମପୁର,୬।୪ (ସୁବାସ ଚନ୍ଦ୍ର ପାଢ଼ୀ)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମୋଚିସାହି ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କୁ ପ୍ରାଣାନ୍ତକ ଆକ୍ରମଣ ଅଭିଯୋଗରେ ବ୍ରହ୍ମପୁର ଟାଉନ ଥାନା ପୋଲିସ ୪ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ମୋଚି ସାହି ଚମଡା ଗୋଦାମ ଅଞ୍ଚଳର ପି. ମନୋଜ କୁମାର, ଏସ. ଅଜୟ କୁମାର, ଏସ. ଆକାଶ ଏବଂ ଖାଲାସୀ ସହିର ଏମ. ଭରଦ୍ୱାଜ। ମାମଲା ନଂ୧୩୨/୨୬ରେ ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଗତ ୩ ତାରିଖ ରାତି ପ୍ରାୟ ୮ଟା୩୦ ସମୟରେ ମୋଚି ସାହିର କେ. ବାବୁଲାଙ୍କୁ ଅଭିଯୁକ୍ତମାନେ ସଂଘବଦ୍ଧ ଆକ୍ରମଣ କରିଥିଲେ । ଉଭୟଙ୍କ ପରିବାର ମଧ୍ୟରେ ଥିବା ପୂର୍ବ ବିବାଦକୁ ନେଇ ଅଭିଯୁକ୍ତମାନେ ବାବୁଲାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗଲଜ କରିବା ସହ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ। ବାବୁଲା ଚିକିତ୍ସିତ ହେବା ପରେ ଥାନାରେ ଅଭିଯୋଗ କରିଥିଲେ।

# ନୟାଗଡ଼ରେ ବଢ଼ୁଛି ନାବାଳିକା ନିଖୋଜ

ନୟାଗଡ଼,୬।୪(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଫତେଗଡ ଥାନା ପଦ୍ମାବତୀସ୍ଥିତ ପ୍ରହଲ୍ଲାଦ ମହାବିଦ୍ୟାଳୟକୁ ଯୁକ୍ତ ୨ ପରୀକ୍ଷା ଦେବାକୁ ଯାଇଥିବା ୧୭ ବର୍ଷର ନାବାଳିକା ଘରକୁ ଫେରିଲେ ନାହିଁ । ପରିବାର ପକ୍ଷରୁ ବହୁ ଖୋଜାଖୋଜି ପରେ ଟେର ମିଳିଲା ନାହିଁ । ପରେ ଜାଣିବାକୁ ପାଇଲେ ତାଙ୍କ ଝିଅକୁ କେହି ଅପହରଣ କରି ନେଇଛି। ଝିଅର ନିଖୋଜ ନେଇ ପରିବାର ପକ୍ଷରୁ ଫତେଗଡ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୮୯/ ୨୫।୩/୨୬ରେ ମାମଲା ରୁଜୁ କରି ତଦନ୍ତ କରୁଛି । ତେବେ ଇତି ମଧ୍ୟରେ ଝିଅକୁ ଅପହରଣ କରି ନେଇଥିବା ଯୁବକ ସମ୍ପର୍କରେ ଥାନାରେ ବାରମ୍ବାର

**କଲେଜ ପରୀକ୍ଷା ଦେବାକୁ ଯାଇ ଫେରିଲାନି ଝିଅ**

ଅଭିଯୋଗ କରିବା ପରେ ସୁଫଳ ମିଳୁନି । ଅପହରଣକାରୀ ଶାସକ ଦଳର ସମର୍ଥକ ହୋଇଥିବାରୁ ସୁରକ୍ଷା ଦିଆଯାଉଥିବା ନାବାଳିକାଙ୍କ ମା’ କ୍ଷୋଭର ସହ ଜିଲାପାଳ ଓ ଏସ୍‌ପିଙ୍କୁ କହିଛନ୍ତି । ଏପକରିକି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ପ୍ରକାଶଯେ, ବିଜିପୁର ଅଞ୍ଚଳର ନାବାଳିକା ଗତ ମାର୍ଚ୍ଚ ୨୫ରେ କଲେଜକୁ ପରୀକ୍ଷା ଦେବାକୁ ଯାଇ ଘରକୁ ଫେରି ନାହାନ୍ତି। ଘରୁ ଉଠାଇ ନେଲେ ନାବାଳିକାଙ୍କୁ ଖଣ୍ଡପଡା ଥାନା ସିଂଘପୁର ଅଞ୍ଚଳର ଜଣେ ୧୫ ବର୍ଷର ନାବାଳିକାଙ୍କୁ ଅପହରଣ କରାଯିବାର ୪ମାସରୁ ଊର୍ଦ୍ଧ୍ୱ ବିତି ଯାଇଛି । ହେଲେ ପୋଲିସ ଅପହରଣକାରୀଙ୍କୁ ଧରୁ ନ ଥିବା ଅଭିଯୋଗ ରହିଛି । ନାବାଳିକାଙ୍କୁ ଉଦ୍ଧାର କରିବାକୁ ବାପା ଏନେଇ ଜିଲାପାଳ, ମୁଖ୍ୟମନ୍ତ୍ରୀ, ଏସ୍‌ପିଙ୍କୁ ଅବଗତ କରାଇଛନ୍ତି । ଅଭିଯୋଗ ଅନୁସାରେ ଗତ ୨୯ ନଭେମ୍ବର ୨୦୨୫ରେ ମଧ୍ୟ ରାତ୍ରରୁ ଝିଅ ନିଖୋଜ ହୋଇ ଯାଇଛି । ଖୋଜାଖୋଜି ପରେ ଟେର ମିଳିନଥିଲା । ଏନେଇ ୩୦।୧୧।୨୫ରେ ଅଭିଯୋଗ ପରେ ପୋଲିସ ନଂ.୩୪୪/୨୫ରେ ମାମଲା ରୁଜୁ କରି ତଦନ୍ତ କରୁଛି । ତେବେ ଝିଅକୁ ଜଣେ ଯୁବକ ଅପହରଣ କରି ନେଇଥିବା ଜଣାପଡିଛି । ପୋଲିସ କିନ୍ତୁ ଅପହରଣକାରୀଙ୍କୁ ଧରିବାକୁ ଆଗ୍ରହ ପ୍ରକାଶ କରୁ ନଥିବା ଅଭିଯୋଗ ହୋଇଛି ।

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ରାଣୀପଥର ବଙ୍ଗାଳାସାହି ବାସିନ୍ଦା



ଖଜୁରିପଡ଼ା,୬।୪ (ବିଦୁର ବେହେରା)

**ପିଇବା ପାଣି ଅଭାବ**

ଖଜୁରିପଡ଼ା ବ୍ଲକ୍ ଅନ୍ତର୍ଗତ ସୁଦ୍ରୁକୁମ୍ପା ପଞ୍ଚାୟତର ରାଣୀପଥର ବଙ୍ଗାଳାସାହିରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଗାଁରେ ଜଳକଷ୍ଟ ଦୂର କରିବା ପାଇଁ ବାରମ୍ବାର ପ୍ରଶାସନକୁ ଗୁହାରି କରି ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଶେଷରେ ସୋମବାର ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବଙ୍ଗାଳାସାହିରେ ବସବାସ କରୁଥିବା ୨୫ ପରିବାରଙ୍କ ପାଇଁ ଗାଁରେ ଥିବା ନଳକୂପ ଯଥେଷ୍ଟ ପାଣି ଯୋଗାଇବାରେ ଅସମର୍ଥ ହେଉଛି। ଫଳରେ ସ୍ଥାନୀୟ ଲୋକେ ପାନୀୟ ଜଳ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା ନେଇ ପୂର୍ବରୁ ବ୍ଲକ୍ କାର୍ଯ୍ୟାଳୟକୁ ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ। ପ୍ରଶାସନର ଏଭଳି ଉଦାସୀନତାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ତେଣୁ ସୋମବାର ଦିନ ଗାଁର ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଗାଁରେ ପାଣିର ସ୍ଥାୟୀ ସମାଧାନ ପାଇଁ ଏକ ନୂତନ ସୋଲାର ନଳକୂପ ସ୍ଥାପନ କରିବାକୁ ସେମାନେ ନିବେଦନ କରିଛନ୍ତି। ଆଗକୁ ଖରାଦିନ ଆସୁଥିବାରୁ ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ଗୁହାରି କରିଛନ୍ତି।

# ଅବହେଳିତ ଗଞ୍ଜାମର ଐତିହାସିକ ‘ପାରା ଭାଡ଼ି’

ଗଞ୍ଜାମ,୬।୪(ଅନାଥ ତରାଇ)

**୪୦୦ ବର୍ଷର ଗୌରବମୟ ଇତିହାସ ହେଉଛି ଲୀନ**



ଗଞ୍ଜାମ ଜିଲାର ଗଞ୍ଜାମ ସହରରେ ଥିବା ପ୍ରାୟ ୪୦୦ ବର୍ଷ ପୁରାତନ ଐତିହାସିକ ‘ପାରା ଭାଡ଼ି’ ଏବେ ରକ୍ଷଣାବେକ୍ଷଣ ଅଭାବରୁ ଭଗ୍ନ ଅବସ୍ଥାକୁ ଚାଲିଆସିଛି। ଦିନଥିଲା ଏହି ପାରା ଭାଡ଼ିରୁ ଶତାଧିକ ପାରା ଚିଠି ଧରି ବହୁ ଦୂରକୁ ଉଡ଼ି ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପୁଣି ଫେରି ଆସୁଥିଲେ। ପ୍ରାୟ ୫୦ ଫୁଟ ଉଚ୍ଚତା ବିଶିଷ୍ଟ ଏହି ସ୍ମାରକୀ ମଧ୍ୟରେ ୭୦୦ରୁ ଅଧିକ ପାରା ଘର ରହିଛି। ଯାହାକି, ବ୍ରିଟିଶ, ଡଚ୍ ଏବଂ ନିଜାମ ଶାସନ କାଳର ସ୍ମୃତିକୁ ବହନ କରିଛି। ୧୬୦୪ରେ ହାଇଦ୍ରାବାଦ ନିଜାମଙ୍କ ଅଧୀନରେ ଥିବା ବେଳେ ଏଠାରେ ପାରା ଡାକସେବା ଆରମ୍ଭ କରାଯାଇଥିଲା। ପରବର୍ତ୍ତୀ ସମୟରେ ୧୭୭୦ରେ ଇଂରେଜମାନେ ମଧ୍ୟ ଏହି ସେବାକୁ ଜାରି ରଖିଥିଲେ। ଗଞ୍ଜାମରୁ ମାଡ୍ରାସ ୧୦୭୫ କି.ମି. ଦୂରକୁ ସନ୍ଦେଶ ପ୍ରେରଣ କରିବାରେ ପାରାମାନେ ଧୁରନ୍ଧର ଥିଲେ। ସେମାନଙ୍କୁ ଚିଠି ଆଦାନପ୍ରଦାନ ପାଇଁ ସ୍ୱତନ୍ତ୍ର ତାଲିମ ଦିଆଯାଉଥିଲା। ପୋଲିସ ବିଭାଗ ପକ୍ଷରୁ ଏଥିପାଇଁ ଜଣେ ସ୍ୱତନ୍ତ୍ର କର୍ମଚାରୀ ନିଯୁକ୍ତ ହୋଇଥିଲେ। ପାରାମାନଙ୍କୁ ପ୍ରାୟ ୪ମାସ ପର୍ଯ୍ୟନ୍ତ କଠିନ ତାଲିମ ଦିଆଯାଉଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଯେତେବେଳେ ଯୋଗାଯୋଗର ଅନ୍ୟାନ୍ୟ ମାଧ୍ୟମ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା, ସେତେବେଳେ ଏହି ପାରା ଡାକସେବା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। କିନ୍ତୁ ଦେଶ ସ୍ୱାଧୀନ ହେବା ପରେ ଏବଂ ଆଧୁନିକ ଟେକ୍ନୋଲୋଜିର ପ୍ରସାର ଫଳରେ ଏହି ସେବା ଧୀରେ ଧୀରେ ବନ୍ଦ ହୋଇଗଲା। ରକ୍ଷଣାବେକ୍ଷଣ ଅଭାବରୁ ଆଜି ଏହ କୋଠା ପରିତ୍ୟକ୍ତ ଭାବେ ପଡ଼ିରହିଛି। ବର୍ତ୍ତମାନ ଏହି ଐତିହାସିକ ସ୍ଥାନଟିକୁ ନେଇ ଏକ ବଡ଼ ବିବାଦ ମଧ୍ୟ ସାମ୍ନାକୁ ଆସିଛି। ତଦନ୍ତରୁ ଜଣାପଡ଼ିଛି ଯେ, ପାରା ଭାଡ଼ି ଥିବା ସରକାରୀ ଜମିକୁ କେହି ଜଣେ ବ୍ୟକ୍ତି ଚଞ୍ଚକତା କରି ନିଜ ନାମରେ ପଟ୍ଟା କରି ନେଇଛନ୍ତି। ଏହି ଐତିହ୍ୟକୁ ସୁରକ୍ଷିତ ରଖିବା ପାଇଁ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଜମିକୁ ସରକାରୀ ସମ୍ପତ୍ତି ଭାବେ ଫେରାଇ ଆଣିବାକୁ ଅନୁରୋଧ କରିଛନ୍ତି।

# ଜଙ୍ଗଲ ନଷ୍ଟ କରୁଛନ୍ତି କାଠ ବ୍ୟବସାୟୀ

ଚିଙ୍କିଟି,୬।୪(ପ୍ରକାଶ ଚନ୍ଦ୍ର ସାହୁ)



ଚଳିଛି ଦିନ ହେଲା ଚିଙ୍କିଟି ସେକ୍ସନ ଅଧିନସ୍ଥ ଚିଙ୍କିଟି ସମେତ ଏହାର ଆଖପାଖ ଅଞ୍ଚଳରେ ଚୋରା କାଠ ବ୍ୟବସାୟୀ ସକ୍ରିୟ ହୋଇ ଉଠିଛନ୍ତି। ବନ ବିଭାଗ ପକ୍ଷରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଦୈନିକ ଶତାଧିକ ଗଛକଟା ଚାଲିଛି । ଚିଙ୍କିଟି ସେକ୍ସନ ଅଧିନସ୍ଥ ରତନେଇ ଏବଂ ଧାନରାଷ୍ୟ ଜଙ୍ଗଲରୁ ଦିନ ଦ୍ୱିପହରରେ ମୂଲ୍ୟବାନ ଗଛ କାଟି ଚାଲାଣ ହେଉଥିବା ଦେଖାଯାଉଛି। ସାଧାରଣତଃ ସୌଖୀନ ଆସବାବପତ୍ର, ଛାତ ସେଣ୍ଟ୍ରିଂ ନିମନ୍ତେ ଏହି ଗଛ କଟାଯାଉଛି । ଚିଙ୍କିଟି ସେକ୍ସନରେ ଆବଶ୍ୟକ ସଂଖ୍ୟକ ବନ କର୍ମଚାରୀ ଥିଲେ ମଧ୍ୟ ସେମାନେ ଅଧିକାଂଶ ସମୟରେ କାର୍ଯ୍ୟକ୍ଷେତ୍ରକୁ ଯାଉନାହାନ୍ତି । ଏହାର ସୁଯୋଗ ନେଇ ବ୍ୟବସାୟୀମାନେ କାଠ ବ୍ୟବସାୟ କରୁଛନ୍ତି । ଏପରିକି ଗାଁ ଗହଳିର ଲୋକେ ମଧ୍ୟ କାଟ କାଟି ନେଉଛନ୍ତି। ଅପରପକ୍ଷରେ ଧାନରାଶ୍ୟ ଓ ରତନେଇ ଜଙ୍ଗଲରେ ଅଧିକାଂଶ ସମୟରେ ନିଆଁ ଲାଗିବା ଫଳରେ ତାପମାତ୍ରା ବୃଦ୍ଧି ପାଉଛି। ଏ ସମ୍ପର୍କରେ ଚିଙ୍କିଟି ଫରେଷ୍ଟର କାମନା ଭୂୟାଁଙ୍କ ଯୋଗାଯୋଗ କରିବାରୁ ସେ କହିଛନ୍ତ, କେତେଜଣ ଖଳ ପ୍ରକୃତିର ଲୋକ ନିଆଁ ଲଗାଇଥିବା ଶୁଣିବା ପରେ ସେଠାକୁ ଯାଇ ଲିଭାଉଛୁ । ନିଆଁ ନ ଲଗାଇବା ପାଇଁ ଗାଁ ଗାଁ ବୁଲି ସଚେତନ କରୁଛୁ । ଚୋରା କାଠ ଚାଲାଣ ନେଇ ବର୍ତ୍ତମାନ ସୁଦ୍ଧା କୌଣସି ଅଭିଯୋଗ ଆସିନାହିଁ । ଯଦି ଅଭିଯୋଗ ଆସେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।

# ବିପଦରେ ବୌଦ୍ଧ କୀର୍ତ୍ତିରାଜି ଉଦୟଗିରି

## ବେଆଇନ ନିର୍ମାଣ ବନ୍ଦ ପାଇଁ ଏଏସ୍‌ଆଇର ନୋଟିସ୍

ଯାଜପୁର,୬।୪(ହର୍ଷବର୍ଦ୍ଧନ ବେହେରା)

ପ୍ରାକୃତିକ ବିଭବ, ପ୍ରାଚୀନ ଐତିହ୍ୟ ଏବଂ ପୌରାଣିକ ଓ ଐତିହାସିକ କୀର୍ତ୍ତିରାଜିରେ ଭରପୂର ରହିଛି ଯାଜପୁର ଜିଲା। ସେଥିମଧ୍ୟରୁ ବୌଦ୍ଧ କୀର୍ତ୍ତିରାଜି ବିମଣ୍ଡିତ ଉଦୟଗିରି ପାହାଡ଼ ଅନ୍ୟତମ। ଏହି ପାହାଡ଼ର ପାଦଦେଶରେ ଅନଧିକୃତ ଖନନ, ବେନିୟମ ନିର୍ମାଣ କାର୍ଯ୍ୟ ଏବଂ ଷୋଳପୁଅମା ବୌଦ୍ଧସ୍ଥଳୀ ନିକଟରେ ବେଆଇନ ପାହାଡ଼ ଖନନ ଦ୍ୱାରା ଅନେକ ମୂଲ୍ୟବାନ ମୂର୍ତ୍ତି, ପ୍ରତିଛବି, ଶିଳାଲେଖ, ସଂରକ୍ଷିତ ସ୍ମାରକୀ ଉପରେ ବିପଦ ମାଡି ଆସିଛି। ରାଜ୍ୟ ସରକାର ପ୍ରାଚୀନ ଐତିହ୍ୟଗୁଡିକ ଉପରେ ସୁରକ୍ଷା ଦେବାକୁ ଗୁରୁତ୍ୱାରୋପ କରୁଥିବାବେଳେ ଯାଜପୁର ଜିଲାରେ ଏଭଳି ବେଆଇନ କାର୍ଯ୍ୟ ଆଗରୁ କେବେ ଦେଖିବାକୁ ମିଳି ନ ଥିଲା ବୋଲି ଏବେ ସବୁଠି ଚର୍ଚ୍ଚା ହେଉଛି।

ଭାରତ ସରକାରଙ୍କ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଏଏସ୍‌ଆଇ ପକ୍ଷରୁ କଟକ ସବ୍-ସର୍କଲର ବରିଷ୍ଠ ସଂରକ୍ଷଣ ସହକାରୀ ଅଧିକାରୀ ସିଦ୍ଧାର୍ଥଶଙ୍କର ଘଡ଼ାଇ ୨।୪।୨୦୨୬ରେ ବରପଦା ଗ୍ରାମର ଠିକାଦାର ରଜତ କୁମାର ମଲ୍ଲିକଙ୍କୁ ତୁରନ୍ତ ଉକ୍ତ ଅଞ୍ଚଳରେ ଖନନ ଓ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ନୋଟିସ ପଠାଇଛନ୍ତି। ଏହାର ପାଳନରେ ବ୍ୟତିକ୍ରମ ହେଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ, ଏସ୍‌ପି, ବାଲିଚନ୍ଦ୍ରପୁର ଆଇଆଇସି, ଗୋପାଳପୁର ସରପଞ୍ଚ ଏବଂ ଏଏସ୍‌ଆଇ ପୁରୀ ସର୍କଲର ଅଧୀକ୍ଷକଙ୍କୁ ନୋଟିସରେ ସୂଚିତ କରିଛନ୍ତି।

ଏଏସ୍‌ଆଇ ନୋଟିସ୍‌ରେ ଆହୁରି ଦର୍ଶାଯାଇଛି ଯେ, ଉଦୟଗିରି ଏକ ସଂରକ୍ଷିତ ସ୍ମାରକୀ। ଏଠାରେ ଅନେକ ମୂଲ୍ୟବାନ ମୂର୍ତ୍ତି, ପ୍ରତିଛବି ଏବଂ ଶିଳାଲେଖ ରହିଛି। କିନ୍ତୁ ଏଠାରେ ବେଆଇନ ଖନନ ଓ ନିର୍ମାଣ କାର୍ଯ୍ୟ ଯୋଗୁ ପ୍ରାଚୀନ ସ୍ମାରକୀ, ପ୍ରତ୍ନତାତ୍ତ୍ୱିକ ସ୍ଥଳ ଏବଂ ଅବଶେଷ ଆଇନ-୧୯୫୮ ନିୟମାବଳୀକୁ ଉଲ୍ଲଂଘନ ହେଉଛି। ବିଶ୍ୱ ଐତିହ୍ୟ କୀର୍ତ୍ତି ଭାବରେ ମାନ୍ୟତା ପାଇବା ପାଇଁ ଓଡ଼ିଶାର ହୀରକ ତ୍ରିଭୁଜ ଅନ୍ତର୍ଗତ ଲଳିତଗିରି-ଉଦୟଗିରି-ରତ୍ନଗିରି ବୌଦ୍ଧ ପରିମଣ୍ଡଳ ୟୁନେସ୍କୋ ପକ୍ଷରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଯୋଗ୍ୟତା ହାସଲ କରିଛି । କିନ୍ତୁ ଉଦୟଗିରି ବୌଦ୍ଧପୀଠର ପ୍ରବେଶପଥରେ ରାସ୍ତାକଡ଼କୁ ଲାଗି ଗୋପାଳପୁର ଛକରେ ଏକ ବୁଦ୍ଧ ପାର୍କ ନିର୍ମାଣ ହେଉଛି । ସ୍ଥାନୀୟ ଏକ ଅନୁଷ୍ଠାନ ପକ୍ଷରୁ ଗୋପାଳପୁର ମୌଜାର ଗୋଚର ଜମିରେ ଏବଂ ଉଦୟଗିରିର ସଂରକ୍ଷିତ ଅଞ୍ଚଳଠାରୁ ୧୦୦ ମିଟର ଭିତରେ ପାର୍କର କଂକ୍ରିଟ ନିର୍ମାଣ କାର୍ଯ୍ୟ ବେଆଇନ ଭାବେ କରାଯାଉଥିବା ନେଇ ସ୍ଥାନୀୟ ସରପଞ୍ଚ ଗୋଦାବରୀ ଶାନ୍ତି ଓ ଗ୍ରାମବାସୀ ଜିଲାପାଳ ଓ ଏଏସ୍‌ଆଇ ଅଧିକ୍ଷକଙ୍କ ନିକଟରେ ମାର୍ଚ୍ଚ ୧୫ ତାରିଖରେ ଅଭିଯୋଗ କରିଥିଲେ। ଏହାପରେ ଗୋପାଳପୁର ଜମିରେ ବୁଦ୍ଧ ପାର୍କ ନିର୍ମାଣ କାର୍ଯ୍ୟକୁ ୨ଦିନ ପାଇଁ ପ୍ରଥମେ ବନ୍ଦ କରାଯାଇଥିଲା। କିନ୍ତୁ କେତେଜଣ ପ୍ରଭାବଶାଳୀଙ୍କ ସହଯୋଗ ମିଳିବା କାରଣରୁ ନିର୍ମାଣ ପୁଣି ଆରମ୍ଭ କରାଯାଇଛି। ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ କହିଛନ୍ତି ଯେ, ଗୋପାଳପୁର ମୌଜାରେ ଥିବା ପାର୍କ ପାଇଁ ନିର୍ମାଣଧୀନ ୧ ଏକର ଜମି ଗୋଚର କିସମ। ଏହି ଜମିକୁ ଡି-ରିଜର୍ଭ କରିବାକୁ ବଡ଼ଚଣା ବିଡିଓ ଆବେଦନ କରିଛନ୍ତି। ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ନିର୍ମାଣ କାର୍ଯ୍ୟ ବନ୍ଦ ନୋଟିସ ଉପରେ ତହସିଲଦାର ଅବଗତ ନ ଥିବା ପ୍ରକାଶ କରିଛନ୍ତି। ସେହିଭଳି ଉଦୟଗିରି ନିଷିଦ୍ଧାଞ୍ଚଳରେ ଥିବା ଷୋଳପୁଅମା ବୌଦ୍ଧସ୍ଥଳୀ ନିକଟକୁ ରାସ୍ତା ନିର୍ମାଣ ପାଇଁ ଡୋଜର ଲଗାଇ ପଥର ତଥା ପାହାଡ଼କୁ ଧ୍ୱସ୍ତବିଧ୍ୱସ୍ତ କରାଯାଇଛି। ଏନେଇ ଠିକାଦାର ସଚ୍ଚିଦାନନ୍ଦ ଜେନାଙ୍କ ବିରୋଧରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଉଦୟଗିରିସ୍ଥିତ କାର୍ଯ୍ୟାଳୟର କର୍ମଚାରୀ ଡମ୍ବରୁଧର ମଲ୍ଲିକ, ଗୋବିନ୍ଦ ଚନ୍ଦ୍ର ସିଂହ ଓ ଅଶୋକ କୁମାର ମଲ୍ଲିକ ଜାନୁଆରୀ ୨୫ ଓ ଫେବୃୟାରୀ ୧୦ରେ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗପତ୍ର ଦାଖଲ କରିଥିଲେ । ଠିକାଦାର ଏହି ବେଆଇନ ପାହାଡ଼ ଖୋଳୁଥିବାରୁ ତାଙ୍କ ବିରୋଧରେ ବାଲିଚନ୍ଦ୍ରପୁର ଥାନାରେ ଫେବୃୟାରୀ ୧୩ ତାରିଖରେ ୫୭ ନମ୍ବର କେସ୍‌ରେ ଏକ ମାମଲା ଭାରତୀୟ ନ୍ୟାୟ ସଂହିତା ଦଫା ୩୨୯(୩) ଓ ୩୨୪(୪)ରେ ମାମଲା ରୁଜୁ କରାଯାଇଛି। ଏଏସ୍‌ଆଇ ଅଧୀକ୍ଷକ ଡି.ବି. ଗଡ଼ନାୟକ କହିଛନ୍ତି, ୧୫୦୦ ବର୍ଷ ତଳର ଏକ ପ୍ରାଚୀନ ବୌଦ୍ଧକୀର୍ତ୍ତି ପରିସୀମାର ୧୦୦ ମିଟର ସଂରକ୍ଷିତ ଅଞ୍ଚଳ ମଧ୍ୟରେ ଆଧୁନିକ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ବେଆଇନ। ତେଣୁ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ।



ବୌଦ୍ଧ କୀର୍ତ୍ତିରାଜି ଉଦୟଗିରି ପାହାଡ ପାଦ ଦେଶରେ ବେଆଇନ ଭାବେ ନିର୍ମାଣ କାର୍ଯ୍ୟ ଚାଲିଛି।

# ଏସ୍‌ପିଙ୍କୁ ଭେଟିଲା ବିଜେଡି ପ୍ରତିନିଧି ମଣ୍ଡଳୀ



ଧର୍ମଶାଳାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତକୁ ନେଇ ଏସ୍‌ପିଙ୍କୁ ବିଜେଡି ନେତା ଓ କର୍ମୀମାନେ ଭେଟି ଅଭିଯୋଗ କରୁଛନ୍ତି।

## ଧର୍ମଶାଳାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ

ପାଣିକୋଇଲି, ୬।୪ (ବିକାଶ ଚନ୍ଦ୍ର ମଲ୍ଲିକ)

ଧର୍ମଶାଳାରେ ଦିନକୁ ଦିନ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ମିଥ୍ୟା ମାମଲା ବଢୁଛି। ଏମିତିକି ଏକାଧିକ ମିଥ୍ୟା ମାମଲା ଜଣଙ୍କ ନାମରେ କରାଯାଇ ଅନ୍ୟ ଥାନାକୁ ନେଇ କାଗଜ ପ୍ରସ୍ତୁତ କରି କୋର୍ଟ ଚାଲାଣ କରାଯାଉଛି। ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ କର୍ମୀଙ୍କ ଉପରେ ବାରମ୍ବାର ଅସାମାଜିକ ବ୍ୟକ୍ତିମାନଙ୍କ ଦ୍ୱାରା ଆକ୍ରମଣ ହେଉଛି। କିନ୍ତୁ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଉନାହିଁ। ପୂର୍ବତନ ବିଧାୟକଙ୍କ ରୋଷେଇଆ କୁଆଖିଆ ଥାନା ମସୁଦପୁର ଗ୍ରାମର ସୁଶାନ୍ତ କୁମାର ଦାସଙ୍କୁ ଧର୍ମଶାଳା ଥାନା ବଡମଙ୍ଗଳପୁର ଗ୍ରାମର ସଞ୍ଜୟ ମହାନ୍ତି, ନାଉପାଳ ଗ୍ରାମର ହୃଷୀକେଶ ରାଉତ ଓ କେତେଜଣ ଅସାମାଜିକ ବ୍ୟକ୍ତିଙ୍କୁ ଧରି ମରଣାନ୍ତକ ଆକ୍ରମଣ କରିବା ସହ ଭୟଭୀତ କରି ଧର୍ମଶାଳାକୁ ଅଶାନ୍ତ କରୁଛନ୍ତି। ବିଜେଡି ମିଡିଆ ସେଲର ଇନଚାର୍ଯ୍ୟ ପ୍ରଦୋଷ ନାୟକଙ୍କ ନାମରେ ଧର୍ମଶାଳା ଥାନାରେ ୨ଟି ନଂ. ୧୩୧/୨୬ଓ ୧୩୪/୨୬ ମାମଲା, କୁଆଖିଆ ଥାନାରେ ୧୫୨/୨୬ ଓ ୧୫୩/୨୬ ମିଥ୍ୟା ମାମଲା ରୁଜୁ କରାଯାଇ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଶାନ୍ତ ଧର୍ମଶାଳା ଶାନ୍ତ କରିବା ପାଇଁ ଏଭଳି ଅସାମାଜିକ କାର୍ଯ୍ୟକଳାପକୁ ବିଜେଡି ନିନ୍ଦା କରିବା ସହ ଏସ୍‌ପିଙ୍କୁ ଦାବିପତ୍ର ଦେଇଛି। ମିଥ୍ୟା ମାମଲା ରୁଜୁ ବନ୍ଦ କରିବା, ପ୍ରତ୍ୟେକ ମାମଲାକୁ ଠିକ୍ ଭାବେ ତଦନ୍ତ କରିବା, ଅଭିଯୁକ୍ତମାନଙ୍କୁ ଅବିଳମ୍ବେ ଗିରଫ କରିବା ସହ ପୋଲିସ ଜନସାଧାରଣଙ୍କ ଶ୍ରଦ୍ଧାଭାଜନ ହେବା ଦିଗରେ କାମ କରିବାକୁ ଦାବି କରାଯାଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ନରେଶ ମହାନ୍ତି, ସନ୍ତୋଷ କୁମାର ଜେନା, ସୁରେନ୍ଦ୍ର କୁମାର ପଣ୍ଡା, ଉତ୍କଳମଣି ଦାସ, ଅର୍ପିତା ସିଂହ, ମମତା ଦଣ୍ଡପାଟ, ପ୍ରଣତୀ ଲେଙ୍କା ଉର୍ମିଳା ପଲେଇ ସମେତ ବହୁ କର୍ମୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଏକତରଫା ପ୍ରେମ: ନାବାଳିକାଙ୍କ ଆତ୍ମହତ୍ୟା, ଅଭିଯୁକ୍ତ ଗିରଫ

ଧର୍ମଶାଳା, ୬।୪ (ବଟକୃଷ୍ଣ ପରିଡା)

ଧର୍ମଶାଳା ଥାନା ବାରବାଟୀ ପଞ୍ଚାୟତ ଚିତ୍ରକୂଳ ଗ୍ରାମର ଜଣେ ଯୁବକ ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକାକୁ ଏକ ତରଫା ପ୍ରେମ କରି ବାରମ୍ବାର ହଇରାଣ କରି ଆସୁଥିଲେ। ନାବାଳିକା ଜଣକ ଅତିଷ୍ଠ ହୋଇ ବିଷ ପିଇ ଆତ୍ମହତ୍ୟା କରିଥିବା ବେଳେ ପରିବାର ଅଭିଯୋଗକ୍ରମେ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି।

ଚିତ୍ରକୂଳ ଗ୍ରାମର ଧନେଶ୍ୱର ଦାସ (୧୯) ସ୍ଥାନୀୟ ଅଞ୍ଚଳର ଜଣେ ୧୫ ବର୍ଷୀଆ ନାବାଳିକାଙ୍କୁ ଏକତରଫା ପ୍ରେମ କରି ହଇରାଣ କରୁଥିଲେ। ଏକତରଫା ପ୍ରେମରେ ନାବାଳିକା ଅତିଷ୍ଠ ହୋଇ ଗତ ୧ ତାରିଖରେ ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ନାବାଳିକାଙ୍କ କଟକ ବଡ଼ ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୪ ତାରିଖରେ ମୃତ୍ୟୁ ହୋଇଥିଲା। ନାବାଳିକାଙ୍କ ମାଆଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୧୪୪/୨୬ରେ ମାମଲା ରୁଜୁ କରି ଅଭିଯୁକ୍ତ ଧନେଶ୍ୱରଙ୍କୁ ଗିରଫ କରି ପୋକ୍‌ସୋ କୋର୍ଟକୁ ସୋମବାର ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

# ଅଜଣା ଗାଡ଼ି ଧକ୍କାରେ ମହିଳା ମୃତ

ରସୁଲପୁର, ୬।୪( ରଞ୍ଜିତ ରାଉତ)

କୁଆଖିଆ ଥାନା କୁଆଖିଆବାଜରଠାରୁ ଅନତି ଦୂରରେ ଏକ ଅଜଣା ଗାଡି ଧକ୍କାରେ ଜଣେ ମହିଳାଙ୍କର ମୃତ୍ୟୁ ହୋଇଛି। ସେ ହେଲେ ଯାଜପୁର ଥାନା କପାସି ନିକଟସ୍ଥ ଛବାଟି ଅଞ୍ଚଳର ସନ୍ଧ୍ୟାରାଣୀ ପାତ୍ର। ପୋଲିସ ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। । ସନ୍ଧ୍ୟାରାଣୀ ଏକ ବାଇକ୍‌ରେ ଚଣ୍ଡିଖୋଲ ଥାନା ଅଞ୍ଚଳରେ ଥିବା ଝିଅ ଘରୁ ଛବାଟି ଅଞ୍ଚଳକୁ ଫେରୁଥିବା ସମୟରେ ଏକ ଅଜଣା ଗାଡ଼ି ତାଙ୍କ ପଛପଟୁ ଧକ୍କା ଦେଇଥିଲା। ସେ ରାସ୍ତା ଉପରେ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସରେ ଚିକିତ୍ସା ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ। ସେଠାରେ ମହିଳାଙ୍କୁ ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ। ଏ ନେଇ ମୃତ ମହିଳାଙ୍କ ଦିଅର ବିଷ୍ଣୁଚରଣ ଥାନାରେ କରିଥିବା ଅଭିଯୋଗ ଆଧାରେ ପୋଲିସ ଥାନାରେ ଏକ ମାମଲା ରୁଜୁ କରି ଘଟଣାକୁ ନେଇ ତଦନ୍ତ ଜାରି ରଖିଛି।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବଳରାମ



@ ବିଷ୍ଣୁ



@ ବାପୁ



@ ଲିପୁ



@ ରଜତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

ପାଟକୁରା, ୬।୪(ରବୀନ୍ଦ୍ର ନାଥ ବାରିକ ): କୁଦାନଗରୀ ଥାନା ମଧୁଶାସନ ପଞ୍ଚାୟତ ନାଗଣପୁର ଛକରେ ରବିବାର ରାତି ୧୦ଟାରେ ସ୍କର୍ପିଓ ଦ୍ରୁତଗତିରେ ଆସି ଜଣେ ମହିଳାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ମହିଳା ଟୁନା ଦାସ(୫୩) ଙ୍କ ମୃତ୍ୟୁ ହୋଇଥିଲା। ରାତିରେ ନରେନ୍ଦ୍ରପୁର-ପୁନ୍ଦାଳ ରାସ୍ତାରେ କଟକରୁ ଫେରୁଥିବା ସ୍କର୍ପିଓ ନଂ. ଓଡି ୦୨ଡିଡି ୮୬୮୯ ଦ୍ରୁତଗତିରେ ଡାହାଣ ପଟରେ ଆସି ନାଗଣପୁର ଛକରେ ଥିବା ଏକ ସ୍କୁଟିକୁ ଧକ୍କା ଦେବା ସହ ସେଠାରେ ଥିବା ଏକ ଦୁଗ୍ଧ ସଂଗ୍ରହ କରୁଥିବା କ୍ୟାବିନ ଉପରକୁ ମାଡ଼ି ଯାଇଥିଲା। ଫଳରେ ଦୁଗ୍ଧ ଉତ୍ପାଦନ କେନ୍ଦ୍ରରେ ଶ୍ରମିକ ଭାବେ କାମ କରୁଥିବା ସାନବେତରା ଗ୍ରାମର ଟୁନାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ପୋଲିସ ସ୍କର୍ପିଓ ଜବତ କରି ଡ୍ରାଇଭରଙ୍କୁ ଅଟକ ରଖିଛି।

# ୨୫୪ରୁ ୪୯ ଅଭିଯୋଗର ତତ୍କାଳ ଫଇସଲା



ପ୍ରଶାସନିକ ଅଧିକାରୀମାନେ ଲୋକମାନଙ୍କ ଅଭିଯୋଗ ଶୁଣୁଛନ୍ତି।

## ଯାଜପୁରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଯାଜପୁର ଟାଉନ, ୬।୪ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି) :

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଉପସ୍ଥିତ ରହି ଜିଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କର ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥା ସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ କହିଥିଲେ। ଏଥିରେ ୨୫୪ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୨୦୨, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ, ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୩, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୪୬ ଏବଂ ରେଡ୍‌କ୍ରସ ପାଣ୍ଠିରୁ ୩ ଅଭିଯୋଗର ଶୁଣାଣି କରାଯାଇଥିଲା। ୪୯ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ, ଯାଜପୁର ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ, ଯାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବ୍ରହ୍ମାନନ୍ଦ ବେହେରା, ଯାଜପୁର ତହସିଲଦାର ରବି ନାରାୟଣ ପାଢ଼ୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଜିଲାସ୍ତରୀୟ, କ୍ଷେତ୍ରୀୟ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ।

# ଦଳରେ ସାମିଲ ହେଲେ ସରପଞ୍ଚ, ସମିତିସଭ୍ୟ

## ଭାଜପାର ପ୍ରତିଷ୍ଠା ଦିବସ

ଯାଜପୁର ସଦର, ୬।୪ (ସମର ବିଜୟ ଶରଣ):

ଯାଜପୁର ବ୍ଲକ ବରୁଆଁ ମଣ୍ଡଳ ପକ୍ଷରୁ ତାରାଦେବୀ ପୀଠ ପରିସରରେ ସୋମବାର ଭାଜପାର ପ୍ରତିଷ୍ଠା ଦିବସ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମିଶ୍ରଣ ପର୍ବରେ ସରପଞ୍ଚ, ସମିତିସଭ୍ୟ ସମେତ ବିଭିନ୍ନ ଦଳ ପରିତ୍ୟାଗକରି ବହୁ ଛାମୁଆ ନେତା, କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଏଥିରେ ପୂର୍ବତନ ଭାଜପା ଜିଲା ସଭାପତି ଗୌତମ ରାୟ ଯୋଗଦେଇ ଦଳରେ ସାମିଲ ହୋଇଥିବା ବାସୁଦେବପୁର ସରପଞ୍ଚ କାହ୍ନୁ ତରାଇ, ବେରୁଦା ସମିତିସଭ୍ୟା କଳ୍ପନା ନାୟକ, ପୂର୍ବତନ ସମିତିସଭ୍ୟ ସୁପ୍ରଭା ନାୟକ, ବ୍ରହ୍ମାନନ୍ଦ ନାୟକ, ଉପେନ୍ଦ୍ର ଦାସ, ଦୁର୍ଯ୍ୟୋଧନ ପ୍ରଧାନ, ଶୁକଦେବ ବିଶ୍ୱାଳ, ଜିତେନ୍ଦ୍ର ବିଶ୍ୱାଳ, ବ୍ରହ୍ମାନନ୍ଦ ସିଂହ ସମେତ ବରୁଆଁ, ବାସୁଦେବପୁର, ବେରୁଦା, ଜମଧର, ସିମିଳିଆ ପଞ୍ଚାୟତର ଅନ୍ୟ ଦଳର ବହୁ ଛାମୁଆ ନେତା, କର୍ମୀ ଭାଜପାରେ ସାମିଲ ହୋଇଥିଲେ। ପୂର୍ବତନ ଭାଜପା ଜିଲା ସଭାପତି ରାୟ ସମସ୍ତଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ଦଳରେ ସାମିଲ କରିଥିଲେ। କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାର ଓ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ଆସ୍ଥା ପ୍ରକଟ କରି ବିଭିନ୍ନ ଦଳର ଛାମୁଆ ନେତା, କର୍ମୀ ଭାଜପାରେ ସାମିଲ ହୋଇଛନ୍ତି ବୋଲି ରାୟ ମତବ୍ୟକ୍ତ କରିଥିଲେ। ଭାଜପା ସରକାର ଓଡ଼ିଶାରେ ଜନହିତକର ଯୋଜନା ଉପରେ ବିଶେଷ ଗୁରୁତ୍ୱ ଦେଉଛି। ମହିଳାମାନେ କିପରି ଆତ୍ମ ନିର୍ଭରଶୀଳ ହୋଇପାରିବେ ସେଥିପ୍ରତି ସରକାର ଯତ୍ନବାନ ହେବା ସହ ତୃଣମୂଳସ୍ତରରୁ ମହିଳାଙ୍କୁ ସଶକ୍ତୀକରଣ କରାଯାଇ ସୁଭଦ୍ରା ଯୋଜନାରେ ସାମିଲ କରାଯାଉଛି। ଗମନାଗମନ, ପାନୀୟ ଜଳ, ସ୍ୱାସ୍ଥ୍ୟ ଓ ଶିକ୍ଷା ଉପରେ ସରକାର ବିଶେଷ ଗୁରୁତ୍ୱ ଦେଉଛି। ୧୯୮୦ ମସିହାରେ ଦଳ ଗଠନ କରାଯାଇଥିଲା। ଆଜି ଦଳ ୪୭ତମ ପ୍ରତିଷ୍ଠା ଦିବସ ପାଳନ କରୁଛି। ଏହି ୪୭ ବର୍ଷରେ ଦଳକୁ ଆଗକୁ ନେବା ପାଇଁ ବହୁ ନେତାଙ୍କ ଉଦ୍ୟମ ଚିରସ୍ମରଣୀୟ ହୋଇ ରହିବ ବୋଲି ରାୟ ମତବ୍ୟକ୍ତ କରିଥିଲେ। ଦଳକୁ ଭଲ ପାଉଥିବା ସମସ୍ତ ଭାଜପା ଛାମୁଆ ନେତା କର୍ମୀ ତୃଣମୂଳସ୍ତରରୁ ଦଳକୁ ଶକ୍ତିଶାଳୀ କରିବା ପାଇଁ ଉଦ୍ୟମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ଭାଜପା ନେତା ମନ୍ମଥ ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସ ଓ ମିଶ୍ରଣ ପର୍ବରେ ଯୁବନେତା ସୁରଜଲାଲ ସାମଲ, ଜିଲା ସାଧାରଣ ସମ୍ପାଦକ ତପନ ନନ୍ଦ, ପୂର୍ବତନ ସାଧାରଣ ସମ୍ପାଦକ ସୁଦୀପ୍ତ ପଣ୍ଡା, ସୁରେଶ ରାଉତ, ପ୍ରଦୀପ ଧଳ, ସଞ୍ଜୟ ସିଂହ, ସୁଧାଂଶୁ ବେହେରା, କେଶବ ମିଶ୍ର, ପ୍ରଶାନ୍ତ ପାଣି, ଜିତାମିତ୍ର ଦାସ ପ୍ରମୁଖ ପ୍ରତିଷ୍ଠା ଦିବସରେ ଯୋଗଦେଇ ଦଳକୁ ଯାଜପୁର ନିର୍ବାଚନମଣ୍ଡଳୀରେ ଓ ବରୁଆଁ ମଣ୍ଡଳରେ ଶକ୍ତିଶାଳୀ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ପୂର୍ବତନ ବରୁଆଁ ସତ୍ୟ ନାରାୟଣ ବଣିକ ସଂଘର ସଭାପତି ପ୍ରକାଶ ଚନ୍ଦ୍ର ପରିଡ଼ା, ହୃଷୀକେଶ ମେକାପ, ଲିପ୍ସିତା ନାୟକ, ଲିଲିମା ଭଦ୍ର, ନୀହାରିକା ମିଶ୍ର, ଟୁମୁକି ଜେନା, ପ୍ରମିଳା ଦାସଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ବହୁ ଦଳୀୟ କର୍ମୀ, ଛାମୁଆ ନେତା ସାମିଲ ହୋଇଥିଲେ।



ଭାଜପାର ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି।

# ଜୀବନଧାରା ବଦଳରେ ଦୁଃଖ ପାଲଟୁଛି ଗୋବରୀ

## ପୁନରୁଦ୍ଧାର ପାଇଁ ଦାବିପତ୍ର ଦେଲେ ଅଞ୍ଚଳବାସୀ

- ୩ ବର୍ଷ ପୂର୍ବେ ଖର୍ଚ୍ଚ ହୋଇଥିଲା ପ୍ରାୟ ୭କୋଟି ଟଙ୍କା
- ସୁନାବ୍ୟା ହେଲେ ମତ୍ସ୍ୟଜୀବୀଙ୍କ ବେପାର ବଢ଼ିବ

କେନ୍ଦ୍ରାପଡ଼ା, ୬।୪ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଡ୍ରେନେଜ୍ କଟ ଅଧୀନ ଗୋବରୀ ନଦୀ ସହର ସହିତ ସ୍ଥାନୀୟ ଗ୍ରାମାଞ୍ଚଳର ଭାବଗତ ସମ୍ପର୍କ ରହିଆସିଛି। ଦୈନନ୍ଦିନ କାର୍ଯ୍ୟ ଠାରୁ ଆରମ୍ଭ କରି କ୍ଷେତକୁ ଜଳ ପରିଚାଳନା ପାଇଁ ଉପଯୁକ୍ତ ଥିଲା। ସମ୍ପ୍ରତି ଏହାର ପୁନରୁଦ୍ଧାରରେ ଅନିୟମିତତା ପାଇଁ ନଦୀ ଶଯ୍ୟା ପୋତି ହୋଇଯାଉଛି। ଏଥିରେ ଦଳ ଭର୍ତ୍ତି ହେବାରୁ ମଶା ମାଛିଙ୍କ ଉପଦ୍ରବ ଆଖାପାଖ ଅଞ୍ଚଳରେ ବ୍ୟାପୁଛି। ପାଣି ଏତେ ଦୁର୍ଗନ୍ଧ ଯେ ଗୋଡ ବୁଡାଇଲେ ଚର୍ମ ରୋଗ ହେଉଛି। ୧୧୩ କି.ମି. ଲମ୍ବର ଏହି ଡ୍ରେନେଜ୍ କଟ୍‌ର ୬୪ରୁ ୭୫ କିଲୋମିଟର ପର୍ଯ୍ୟନ୍ତ ଖନନ ଓ ସାଇଡ ପ୍ୟାକିଂ ହେବ ପାଇଁ ଗତ ୩ ବର୍ଷ ପୂର୍ବେ ପ୍ରାୟ ୭ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ନିମ୍ନମାନର କାର୍ଯ୍ୟ ପାଇଁ ତାହା ନଷ୍ଟ ହୋଇଗଲା। ନଦୀ ଶଯ୍ୟା ଖନନ ହେଲେ ସୁନାବ୍ୟା ସହ ମତ୍ସ୍ୟଜୀବୀଙ୍କ ବେପାର ବଢ଼ିବ। ଗୋବରୀ ନଦୀ ଜୀବନଧାରା ବଦଳରେ ଦୁଃଖ ପାଲଟୁଥିବା ଦାବି କରି ସ୍ଥାନୀୟ ଅଞ୍ଚଳର ଯୁବବର୍ଗ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୁରୁବାର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଦାବିପତ୍ର ପ୍ରଦାନକାରୀ ସୁଶାନ୍ତ ବେହେରା, ଚଗୁଲି ବେହେରା ଓ ମାନସ ରଞ୍ଜନ ଦାସ ପ୍ରମୁଖ କହିଛନ୍ତି, କଟକ ଜିଲା ଜଗତପୁରର ଖଇରା ନିକଟ ମହାନଦୀରୁ ଗୋବରୀ ନଦୀ ବାହାରିଛି। ଏହି ନଦୀରେ ପୂର୍ବରୁ ନୌବାଣିଜ୍ୟ ସହ ମାଛଧରା ହେଉଥିଲା। ଏଥିସହ ନଦୀ ପାଖ ଅଞ୍ଚଳବାସୀ ଏହାର ଜଳକୁ ନିତ୍ୟକର୍ମରେ ବ୍ୟବହାର କରିଥିଲେ। ଇତିମଧ୍ୟରେ ଏହା ପୋତି ହେବା ସହ ଦଳ ଭର୍ତ୍ତି ହୋଇଛି। ଫଳରେ ନିକଟସ୍ଥ କ୍ଷେତକୁ ପାଣି ପହଞ୍ଚି ପାରୁନାହିଁ। ଏହାକୁ ଦୃଷ୍ଟିରେ ରଖି ଡ୍ରେନେଜ୍ କଟ୍‌ର ପୁନରୁଦ୍ଧାର ଦାବି ହୋଇଆସୁଛି। ନିକଟରେ ଏହି ୧୧ କି.ମି. ନଦୀ ଶଯ୍ୟାର ପୁନରୁଦ୍ଧାର ଡ୍ରେନେଜ୍ ବିଭାଗ ଦ୍ୱାରା ହୋଇଛି। ଏଥିପାଇଁ ୬,୮୬,୦୨,୬୪୪ ଟଙ୍କା ବ୍ୟୟ ହୋଇଛି। ସହରର ଚଟି ପୋଲଠାରୁ କାମ ଆରମ୍ଭ ହୋଇଥିବା ବେଳେ ଏଥିରେ ନିମ୍ନମାନର ପଥର ପ୍ୟାକିଂ ହେଉଛି।


ଦଳଭର୍ତ୍ତି ହୋଇଥିବା ଗୋବରୀ ନଦୀ ।

ସେହିପରି ନଦୀର ପୁନରୁଦ୍ଧାର ସମୟରେ ମଧ୍ୟସ୍ଥଳକୁ ଲକ୍ଷ୍ୟ ରଖାଯାଇ ଦୁଇ ପାର୍ଶ୍ୱକୁ ଖୋଳାଯିବା କଥା, ଯାହା ଏହି କାମ ମଧ୍ୟରେ ଦେଖିବାକୁ ମିଳିଲା ନାହିଁ। ନଦୀରୁ ଉଠା ଯାଉଥିବା ମାଟିକୁ ଠିକା ସଂସ୍ଥା ବିକ୍ରି କରିଥିଲେ। ଏନେଇ ଅଭିଯୋଗ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ନିକଟରେ ହୋଇଥିଲେ ମଧ୍ୟ ଏଥିପ୍ରତି ନଜର ରହୁନାହିଁ। ଏନେଇ ଠିକା ସଂସ୍ଥା ବିରୋଧରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ଅପରପକ୍ଷରେ ନଦୀ ଏବେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଅଭିଶାପ ପାଲଟିଛି। ଚର୍ମରୋଗଠାରୁ ଆରମ୍ଭ କରି ଦୁର୍ଗନ୍ଧ ଜଳ ପାଇଁ ବିଭିନ୍ନ ରୋଗର ଶିକାର ହେବାକୁ ପଡୁଛି। ନଦୀର ପୁନରୁଦ୍ଧାର ପରେ ମତ୍ସ୍ୟଜୀବୀଙ୍କ ବ୍ୟବସାୟ ବଢ଼ିବା ସହିତ କ୍ଷେତକୁ ପାଣି ଯାଇପାରିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ପଚାରିବାରୁ ଏନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।

# ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ରାଜନଗର,୬।୪(ଭାସ୍କର ରାଉତରାୟ)

ରାଜନଗର ଥାନା ପଞ୍ଚୁପଲ୍ଲୀ ଗାଁରେ ଦୁର୍ବୃତ୍ତ ସନ୍ଧ୍ୟା ସମୟରେ ଘରେ କେହି ନ ଥିବାର ସୁଯୋଗ ନେଇ ୫୦ ଲକ୍ଷ ଟଙ୍କର ଅଳଙ୍କାର ଓ ନଗଦ ଟଙ୍କା ଲୁଟି ନେଇଥିଲେ । ପୋଲିସ ସେମାନଙ୍କୁ ଧରିବାରେ ସକ୍ଷମ ହୋଇନଥିବା ବେଳେ ରବିବାର ରାତିରେ ରାଜପୁର ଗାଁରେ ଦୁର୍ବୃତ୍ତ ଗୋଟିଏ ପରିବାରର ଗଡରେଜ କାଟି ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ରାଜନଗର ଥାନାରେ ରାଜପୁର ଗାଁର ବଳରାମ ସିଂହଙ୍କ ସ୍ତ୍ରୀ ରୂପାଲୀ ସିଂହଙ୍କ ଅଭିଯୋଗ ମୁତାବକ ତାଙ୍କ ସାମୀ ବାହାରେ ରୁହନ୍ତି । ଘର ପାଖରେ ଏକ ଛୋଟ ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ରବିବାର ରାତିରେ ଗାଁରେ ହେଉଥିବା ଯାତ୍ରା ନିକଟରେ ପାନ ଦୋକାନ ପକାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତ ତାଲା କାଟି ଭିତରେ ପଶି ଗଡରେଜ ତାଡି ଗୋଟିଏ ସୁନା ହାର, କାନ ଫୁଲ ଏକ ହଳ , ମଙ୍ଗଳ ସୂତ୍ର ଗୋଟିଏ ଓ ନଗଦ ୨୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଦୋକାନ ଘରେ ପଶି ୧୫ ଶହ ଟଙ୍କା ସହିତ ୫ ଲିଟର ପେଟ୍ରୋଲ ଲୁଟି ନେଇଥିବା ନେଇ ଅଭିଯୋଗରେ ଦର୍ଶାଇଛନ୍ତି। ଯାତ୍ରା ପାଖରେ ଦୋକାନ ଦେଇଥିବାରୁ କେତେକ ଲୋକ ମୋତେ ଟାର୍ଗେଟ କରୁଥିଲେ। ସେମାନଙ୍କୁ ମୋର ସନ୍ଦେହ ହେଉଛି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ପାଇବା ପରେ ଆଇଆଇସି ନରେଶ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ପଚ୍ଚାମୁଣ୍ଡାଇରେ ଓଡ଼ିଆ ପକ୍ଷ ପାଳନ, ସ୍ୱଚ୍ଛତା କାର୍ଯ୍ୟକ୍ରମ


ସ୍ୱଚ୍ଛତା ପକ୍ଷରେ ଜିଲାପାଳ ଓ ଅନ୍ୟମାନେ ।

ପଚ୍ଚାମୁଣ୍ଡାଇ, ୬।୪ (କଳ୍ପତରୁ ନାୟକ)

## ସ୍ୱଚ୍ଛ ପରିବେଶ ସେହି ଦେଶ, ସହରର ଶୃଙ୍ଖଳିତ ଜନତାଙ୍କ ପରିଚୟ

ପଚ୍ଚାମୁଣ୍ଡାଇ ପୌର ପରିଷଦ ତରଫରୁ ସୋମବାର ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ପକ୍ଷ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଶ୍ରୀରାମ ମନ୍ଦିର ପରିସରରେ 'ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା' ସ୍ୱଚ୍ଛତା ହିଁ ପରିଚୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ସ୍ୱଚ୍ଛତା ହିଁ ପରିଚୟ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର ଆୟାର ଯୋଗଦେଇ ମନ୍ଦିର ପରିସର ସଫେଇ କରିବା ସହିତ ସ୍ୱଚ୍ଛ, ନିର୍ମଳ ଓ ସୁନ୍ଦର ପରିବେଶ ସହ ସୁସ୍ଥ ସମାଜ ଗଠନ ପାଇଁ ପ୍ଲାଷ୍ଟିକ ବର୍ଜନ କରିବାକୁ ଆହ୍ୱାନ ଦେଇଥିଲେ ।

ସେ କହିଥିଲେ, ଆମ ଦୈନନ୍ଦିନ ଜୀବନରେ ସ୍ୱଚ୍ଛତା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସ୍ୱଚ୍ଛ ପରିବେଶ ମନରେ ଏକ ସକରାତ୍ମକ ଭାବନା ଓ ବିଚାରଧାରା ସୃଷ୍ଟି କରିଥାଏ। ସ୍ୱଚ୍ଛ ପରିବେଶ ସେହି ଦେଶ ଓ ସହରର ଶୃଙ୍ଖଳିତ ଜନତାଙ୍କ ପରିଚୟ ଦେଇଥାଏ। ସବୁରି ଉପରେ ସ୍ୱଚ୍ଛ ପରିବେଶ ଦ୍ୱାରା ରୋଗ ଜୀବାଣୁଙ୍କ ବିନାଶ ହୋଇଥାଏ। ଯାହାଦ୍ୱାରା ଲୋକମାନେ ଏକ ସୁସ୍ଥ ନିରାମୟ ଜୀବନ ଜୀଇଁ ପାରିଥାନ୍ତି। ପରିବେଶ ପ୍ରଦୂଷଣମୁକ୍ତ ରଖିବା ସହ ମାନବ ସ୍ୱାସ୍ଥ୍ୟ, ଜଳ ଓ ମୃତ୍ତିକା ସୁରକ୍ଷା ପାଇଁ ପରିବେଶ ଅନୁକୂଳ ବୋଲି ମତ ପ୍ରକାଶ କରିଥିଲେ । କର୍ମକ୍ଷେତ୍ର, ଘର, ବସ୍‌ଷ୍ଟାଣ୍ଡ ଓ ପାର୍କ ଇତ୍ୟାଦି ସମସ୍ତ ସ୍ଥାନରେ ସ୍ୱଚ୍ଛତାର ଉଚ୍ଚମାନକୁ ଗୁରୁତ୍ୱାରୋପ ଏବଂ ବଜାୟ ରଖିବା ପାଇଁ ଜିଲାପାଳ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହିତ ତହସିଲଦାର ପଞ୍ଚାନନ ନାୟକ, ପୌରାଧ୍ୟକ୍ଷ ହେମନ୍ତ ସାହୁ, ପଚ୍ଚାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ବିଡ଼ିଓ ଶୀତଲ ଅଗ୍ରୱାଲ, ବ୍ଲକ ସହ ନିର୍ବାହୀ ଯନ୍ତ୍ରୀ ରୋଜାଲିନ ମହାଲିକ, କାଉନସିଲର ବିଦ୍ୟାଧର ସେଠୀ, ବଣିକ ସଂଘ ଉପସଭାପତି ମୋହନ ଦାସ, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ଦୋଷିଆ ପୂର୍ବତନ ସରପଞ୍ଚ ପ୍ରଭାତ ପ୍ରଧାନ, କାଉନସିଲର ପ୍ରଶାନ୍ତ ବାରିକ, ମୃତ୍ୟୁଞ୍ଜୟ ପାଢ଼ୀ, ଗୋପୀବଲ୍ଲଭ ନାୟକ, ଯୁବନେତା ସଂଗ୍ରାମ ସ୍ୱାଇଁ, ରବୀନ୍ଦ୍ର ବିଶ୍ୱାଳ, ସମୀର ପାତ୍ର, ପୌର ପରିଷଦ ପରିମଳ ନିରୀକ୍ଷକ ପ୍ରଫୁଲ୍ଲ ଦାଶଙ୍କ ସମେତ ସଫେଇ କର୍ମଚାରୀମାନେ ସାମିଲ ହୋଇ ଶ୍ରୀରାମ ମନ୍ଦିର ପରିସର ସଫେଇ କରିଥିଲେ। ସନ୍ଧ୍ୟାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଜନସଚେତନତା ପାଇଁ ପୋଖରୀଆପଡା ହରପାର୍ବତୀ ମନ୍ଦିରରେ ସମୂହ ଦୀପ ଦାନ କରାଯାଇଥିଲା।

# ପାନୀୟଜଳ ଯୋଗାଣ, ଷ୍ଟ୍ରିଟ୍‌ଲାଇଟ ପାଇଁ ବିଡିଓଙ୍କୁ ଅଭିଯୋଗ କଲେ ଗ୍ରାମବାସୀ


ବିଡିଓଙ୍କୁ ଲୋକେ ଅଭିଯୋଗ କରୁଛନ୍ତି ।

ରାଜକନିକା, ୬।୪ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ସଦର କଣ୍ଟପଡା ପଞ୍ଚାୟତ ଗୋବିନ୍ଦପୁର ମୌଜା ରାଜବାଟି କଲୋନୀରେ ଅନେକଦିନ ହେବ ପାନୀୟଜଳ ସମସ୍ୟା ଦେଖାଦେଇଛି। ଏନେଇ ପୂର୍ବରୁ ବ୍ଲକ ପରିସରରେ ୧୦।୫।୨୫ରେ ଓ ୧୯।୧।୨୬ରେ ଅନୁଷ୍ଠିତ ଜନଶୁଣାଣିରେ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ସରପଞ୍ଚ ଓ ବିଭାଗୀୟ ସମସ୍ତ ଅଧିକାରୀଙ୍କ ବ୍ୟତିତ ସରକାରଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅନ୍‌ଲାଇନ୍‌ରେ ମଧ୍ୟ ଅଭିଯୋଗ କରିଥିବା ନେଇ ସୋମବାର ରାଜକନିକା ବିଡ଼ିଓ କୈଳାସ ଚନ୍ଦ୍ର ମହାଲିକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି, ଆମ୍ଭମାନେ ଦୀର୍ଘଦିନ ହେବ ପାନୀୟଜଳ ନ ପାଇବା ଓ ଷ୍ଟ୍ରିଟଲାଇଟ ଅଚଳ ନେଇ ସରକାରଙ୍କୁ ବାରମ୍ବାର ଅଭିଯୋଗ କରି ଆସୁଥିଲେ ବି କୌଣସି ସୁଫଳ ପାଉନାହୁଁ। ସରକାର ଆମ୍ଭମାନଙ୍କର ଏହି ମୌଳିକ ସମସ୍ୟା ଖୁବଶୀଘ୍ର ଦୂର କରିବାକୁ ଉମେଶ ଚନ୍ଦ୍ର ନାୟକ, ସୁଧୀର କୁମାର ବିଶ୍ୱାଳ, ମୀନତି ବିଶାଳ, ବିପିନ ବିହାରୀ ରାଉତ, ହରେକୃଷ୍ଣ ବାରିକ ଓ ସୁଧୀର ବାରିକ ପ୍ରମୁଖଙ୍କ ସମେତ କଲୋନୀ ଅଧିବାସୀ ସାମିଲ ଥିଲେ।

# ପାଟକୁରା ଭାଜପା କାର୍ଯ୍ୟାଳୟରେ ପ୍ରତିଷ୍ଠା ଦିବସ

ପାଟକୁରା, ୬।୪ (ରବୀନ୍ଦ୍ର ନାଥ ବାରିକ)

ପାଟକୁରା ନିର୍ବାଚନମଣ୍ଡଳୀସ୍ତରୀୟ ଭାଜପା କାର୍ଯ୍ୟାଳୟ ଗରଦପୁରରେ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ପ୍ରତିଷ୍ଠା ଦିବସରେ ଗରଦପୁର କାର୍ଯ୍ୟାଳୟରେ ଦଳୀୟ ପତାକାକୁ ଜିଲା ଉପ ସଭାପତି ବିଜୟ ନାୟକ ଉତ୍ତୋଳନ କରିଥିଲେ। ୧୯୮୦ ଏପ୍ରିଲ ୬ରେ ଭାଜପା ପ୍ରତିଷ୍ଠା କରାଯାଇଥିଲା। ମାତ୍ର ୪୬ ବର୍ଷ ପରେ ଏହି ରାଜନୈତିକ ଦଳ ତା'ର ଶାଖାପ୍ରଶାଖା ବିସ୍ତାରକରି ଏକ ମହାଦ୍ରୁମରେ ପରିଣତ ହେଲାଣି ବୋଲି ଆୟୋଜିତ ସଭାରେ ମଣ୍ଡଳ ସଭାପତି ଚିତ୍ତରଞ୍ଜନ ଚୌଧୁରୀ ମତବ୍ୟକ୍ତ କରିଥିଲେ । ବିଭିନ୍ନ ସମୟରେ ଦଳର ଦୃଢ଼ ନେତୃତ୍ୱ ପାଇଁ ଏହି ଦଳ ଭାରତବର୍ଷରେ ନିଜର ରାଜନୈତିକ ସ୍ଥିତିକୁ ଦୃଢ଼ କରିଥିବା ବେଳେ ବିଶ୍ୱସ୍ତରରେ ଦଳ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ଚୌଧୁରୀ କହିଥିଲେ । ସମସ୍ତ ଭାଜପା କର୍ମକର୍ତ୍ତା ଦଳୀୟ ସଂଗଠନକୁ ଅଧିକ ଗୁରୁତ୍ୱ ଦେବାକୁ ସେ କହିଥିଲେ। କାର୍ଯ୍ୟକ୍ରମରେ ଭାଜପା କାର୍ଯ୍ୟକର୍ତ୍ତା ବିଜୟ କୁମାର ବାରିକ, ସୌମେନ୍ଦ୍ର ସେଠୀ, ଚିତ୍ତରଞ୍ଜନ ସେଠୀ, ଗଙ୍ଗାଧର ସେଠୀ, ଅତନୁ ପଣ୍ଡା, ଅନିଲ ପାଣି, ସୁକାନ୍ତ ସାହୁ ଓ ଦୀପ୍ତିରଞ୍ଜନ ଶତପଥୀ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

# ପରାଗ ସାହିତ୍ୟ ସଂସଦ ପ୍ରାକ୍ତନ ସଭାପତିଙ୍କ ପରଲୋକ

ଆଳି, ୬।୪(ବନମାଳୀ ସେନାପତି )

ପରାଗ ସାହିତ୍ୟ ସଂସଦ ପ୍ରାକ୍ତନ ସଭାପତି ତଥା ପରାଗ ସାହିତ୍ୟ ପତ୍ରିକା ପରିଚାଳନା ସମ୍ପାଦକ ଦୋଳ ଗୋବିନ୍ଦ ସେନାପତି (୮୨)ଙ୍କ ସୋମବାର ଅପରାହ୍ନର ପରଲୋକ ଘଟିଛି । ଗତ କିଛି ଦିନ ହେଲା



ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ତାଙ୍କ ପରଲୋକ ଖବର ପାଇ କଂଗ୍ରେସ ଜିଲା ସଭାପତି ଡାକ୍ତର ଦେବସ୍ମିତା ଶର୍ମା, ଆଳି ଯାଦବ ମହାସଭା ସଭାପତି ଅଧ୍ୟାପକ ଶେଖର ଚନ୍ଦ୍ର ବାରିକ ସମ୍ପାଦକ ଧରଣୀଧର ବେହେରା, ଉପ ସଭାପତି ମଧୁସୂଦନ ଦାସ, ଜିଲା ଯୁବ ଯାଦବ ସଭାପତି ମନୋଜ ଦାସ, ଅଧ୍ୟାପକ ପ୍ରଫୁଲ୍ଲ ବେହେରା, ବିନୋଦ ପତି, ଆଳି କଲେଜ ପ୍ରାକ୍ତନ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ମଲ୍ଲିକ ପ୍ରମୁଖ ସ୍ୱର୍ଗତ ସେନାପତିଙ୍କ ଗୋପ ସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷ କୃତ୍ୟ ସମାପନ ହୋଇଥିଲା ।

# ପ୍ରଥମେ ଗାଡ଼ି ଚୋରି ନେଇ ଏତଲା ଦେଇ ନଥିଲେ ତହସିଲଦାର

## ତହସିଲ ପକ୍ଷରୁ ଜବତ ୨ ବାଲି ବୋଝେଇ ଟ୍ରକ ହତାଭିତରୁ ଚୋରି ଘଟଣା

## ଗୋଟିଏ ଗାଡ଼ି ଚୋରି ହୋଇଥିବା ନେଇ ତହସିଲ ପକ୍ଷରୁ ମାମଲା ରୁଜୁ

ରାଜକନିକା,୬।୪(ସଞ୍ଜୟ କୁମାର ଦାଶ)

କନିକା ତହସିଲ ହତାଭିତରୁ ଦୁଇଟି ବାଲି ବୋଝେଇ ହାଇୱା ତହସିଲ ଗେଟର ତାଲା କାଟି ରାତି ଅଧରେ ନେଇ ଗଲେ ଦୁର୍ବୃତ୍ତ । ଏହି ଘଟଣା ପରେ କନିକା ତହସିଲଦାରଙ୍କ ପକ୍ଷରୁ ଗୋଟିଏ ଗାଡି ଚୋରି ହୋଇଥିବା ନେଇ ଏତଲା ଦିଆଯାଇଥିଲା। ପୋଲିସ ପକ୍ଷରୁ ୩ ତାରିଖରେ ନଂ ୧୭୮/୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଉଥିବା କହିଛନ୍ତିରାଜକନିକା ଥାନ ଅଧିକାରୀ ସଞ୍ଜୟ ମଲ୍ଲିକ । ପ୍ରଥମ ବାଲି ବୋଝେଇ ଗାଡି ଗତ ମାସ ୨୧ ତାରିଖ ଦିନ ପ୍ରଥମ ବାଲି ବୋଝେଇ ହାଇୱା ଚୋରି ହେଲା । ହେଲେ କନିକା ତହସିଲ ପ୍ରଶାସନ ପକ୍ଷରୁ କାହିଁକି ଏତଲା ଦିଆଗଲା ନାହିଁ । କାହା ଚାପରେ ଚୁପ ରହିଗଲା କି ତହସିଲ ପ୍ରଶାସନ ନା' କିଛି ଭିତିରି ବୁଝାମଣା ହୋଇଗଲା ବୋଲି ସାଧାରଣରେ ଆଲୋଚନା କରୁଛନ୍ତି । ଫଳରେ ଗତ ମାସ ୨୯ ତାରିଖରେ ସମାନ ଢଙ୍ଗରେ ବାଲି ବୋଝେଇ ଗାଡି ଚୋରି କରି ନେଇ ଗଲେ ଦୁର୍ବୃତ୍ତ । ହେଲେ ତହସିଲଦାର ଚୁପ ବସି ରହିଗଲେ, ଏତଲା ଦେଲେ ନାହିଁ, ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ତହସିଲଦାର ଭାନୁମତୀ ମାଝୀ କହିଲେ, ଦୁଇଟି ଏତଲା ଦିଆଯାଇଛି । ହେଲେ ଗତ ୨ ତାରିଖ ଦିନ ୪ ବେଳେ ୨୯ ତାରିଖ ଦିନ ଗାଡି ଚୋରି ହୋଇଥିବା ନେଇ ଚୋରିର ତିନିଦିନ ପରେ ରାଜକନିକା ଥାନାରେ ଏତଲା ଦେଲେ ।


ଜବତ କରାଯାଇଥିବା ହାଇୱା।

ତହସିଲରେ ରାତ୍ରି ଜଗୁଆଳି ଥାଉ ଥାଉ କେମିତି ଚୋରି ହୋଇଗଲା ବାଲି ବୋଝେଇ ଟ୍ରକ, ପ୍ରଥମେ ଚୋରୀ ହୋଇଥିବା ଗାଡି ପରେ କାହିଁକିଚେତିଲାନିତହସିଲ ପ୍ରଶାସନ।

ସୂଚନା ଅନୁସାରେ ଗତ ମାସ ୨୦ ତାରିଖ ଦିନ ଓଳାଭର ରାସ୍ତାରେ କନିକା ତହସିଲଦାର ଭାନୁମତି ମାଝୀ ଓ ମାଇନ୍ସର ଅଧିକାରୀମାନେ ବେଆଇନ ଚୋରା ଚାଲାଣ ହେଉଥିବା ଦୁଇଟି ବାଲି ବୋଝେଇ ହାଇୱା ସହିତ ଗୋଟିଏ ପଥର ବୋଝେଇ ହାଇୱାକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ । ହେଲେ କାଗଜପତ୍ର ନ ଥିବାରୁ ତିନୋଟି ଗାଡିକୁ ଜବତ କରି କନିକା ତହସିଲ ପରିସରରେ ରଖିଥିଲେ । ହେଲେ ପଥର ବୋଝେଇ ହାଇୱା ଥିଲା ବେଳେ ଗତ ମାସ ୨୧ ତାରିଖ ରାତିରେ ତହସିଲ ଗେଟରେ ପଡ଼ିଥିବା ଚେନକୁ କାଟି ଗୋଟିଏ ବାଲି ଗାଡିକୁ ଦୁର୍ବୃତ୍ତ ନେଇ ଯାଇଥିଲେ । ହେଲେ ଏହା ପରେ ୨୯ ତାରିଖ ରାତି ଗୋଟାଏ ସମୟରେ ୫ ଜଣ ଦୁର୍ବୃତ୍ତ ଗେଟର ଚେନ ବାଲି ବୋଝେଇ ଗାଡିକୁ ନେଇଯାଇଛନ୍ତି ବୋଲି ତହସିଲଦାର ଭାନୁମତି ମାଝୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବଳରାମ


@ ବିଷ୍ଣୁ


@ ବାପୁ


@ ଲିପୁ


@ ରଜତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦୁର୍ଘଟଣାରେ ମହିଳା ମୃତ

ପାଟକୁରା, ୬।୪(ରବୀନ୍ଦ୍ର ନାଥ ବାରିକ )

କେନ୍ଦ୍ରାପଡା ଜିଲା ଗରଦପୁର ବ୍ଲକ ମଧୁ ଶାସନ ପଞ୍ଚାୟତ ନାଗଣପୁର ଛକରେ ରବିବାର ରାତି ୧୦ଟାରେ ଗୋଟିଏ ସ୍କର୍ପିଓ ଦ୍ରୁତ ଗତିରେ ଆସି ଜଣେ ମହିଳାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ମହିଳା ଚୁନା ଦାସ(୫୩)ଙ୍କର ମୃତ୍ୟୁ ହୋଇଥିଲା। ସୂଚନା ଅନୁଯାୟୀ, ରବିବାର ରାତିରେ ନରେନ୍ଦ୍ରପୁର-ପୁଦାଳ ରାସ୍ତାରେ କଟକରୁ ଫେରୁଥିବା ସ୍କର୍ପିଓ ଓଡି ୦୨ଡିଡି ୮୬୮୯ ଦ୍ରୁତଗତିରେ ଡାହାଣ ପଟରେ ଆସି ନାଗଣପୁର ଛକରେ ଥିବା ଏକ ସ୍କୁଟିକୁ ଧକ୍କା ଦେବା ସହ ସେଠାରେ ଥିବା ଏକ ଦୁଗ୍ଧ ସଂଗ୍ରହ କରୁଥିବା କ୍ୟାବିନ ଉପରକୁ ମାଡ଼ି ଯାଇଥିଲା। ଦୁଗ୍ଧ ଉତ୍ପାଦନ କେନ୍ଦ୍ରରେ ଶ୍ରମିକ ଭାବେ କାମ କରୁଥିବା ସାନବେତରା ଗ୍ରାମର ଚୁନାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। କୁଦାନଗରୀ ପୋଲିସ ସ୍କର୍ପିଓ ଜବତକରି ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରୁଛି।

# ପୋଲିସ ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଲେ ପରିବାର

ରାଜନଗର, ୬।୪(ଭାସ୍କର ରାଉତରାୟ)

## ରହସ୍ୟ ବଢ଼ାଉଛି ଶୁଭଲକ୍ଷ୍ମୀ ମୃତ୍ୟୁ

କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଚାନ୍ଦିବାଉଁଶମୂଳ ପଞ୍ଚାୟତ ବଡ଼କୋଲ୍ଲା ଗାଁରେ ୨ ତାରିଖରେ ନିଖୋଜ ଥିବା ଶିଶୁକନ୍ୟା ଶୁଭଲକ୍ଷ୍ମୀଙ୍କ ମୃତ୍ୟୁକୁ ନେଇ ରହସ୍ୟ ବଢ଼ିବାରେ ଲାଗିଛି। ଶୁଭଲକ୍ଷ୍ମୀ ନିଖୋଜ ହେବା ଓ ପରବର୍ତ୍ତୀ ଘଟଣାକ୍ରମକୁ ଦେଖିଲେ ଏହା ରହସ୍ୟମୟ ହେବାରେ ଲାଗିଛି। ଅନ୍ୟପକ୍ଷରେ ପୋଲିସ ରବିବାର ଅଟକ ରଖିଥିବା ୨ ଜଣଙ୍କୁ ଛାଡ଼ିଦେବା ପରେ ପରିବାର ଲୋକେ ପୋଲିସ ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଶୁଭଲକ୍ଷ୍ମୀ ହତ୍ୟାକାରୀଙ୍କୁ ଦଣ୍ଡ ଦିଆଯିବା ଦରକାର, ଆମର ଆଉ କିଛି ଆବଶ୍ୟକ ନାହିଁ ବୋଲି ଅଜା, ଆଈ ଓ ବାପା କହିଛନ୍ତି|

ଶୁଭଲକ୍ଷ୍ମୀଙ୍କ ଅଜା କାଳନ୍ଦୀ ନାୟକ ରାଜନଗର ଥାନାରେ ନାତି ମୃତ୍ୟୁର ପ୍ରତିଶୋଧ ପାଇଁ ବେନୁ ଚରଣ ଦାସ, ତାଙ୍କ ସ୍ତ୍ରୀ ଅହଲ୍ୟା ଦାସ , ଝିଅ ସତ୍ୟଭାମା ପାତ୍ର,ପୁଅ ପ୍ରଶାନ୍ତ ଦାସ ଓ ବେନୁଙ୍କ ଶଳାର ପୁଅ ଏଣ୍ଡୁଳାପୁର ଭେଡିସାହିର ଜୟୀରାମ ସ୍ୱାଇଁ ମିଳିମିଶି ଯୋଜନାବଦ୍ଧ ଭାବେ ମୋ ନାତୁଣୀଙ୍କୁ ହତ୍ୟା କରିଛନ୍ତି କହି ଆଉ ଏକ ଅଭିଯୋଗ ଦେଇଛନ୍ତି। କାଳନ୍ଦୀଙ୍କ ସହ ତାଙ୍କ ଭାଇ ହଳଧର,ଜଳଧର, ସ୍ୱାଇଁ ମାନଗୋବିନ୍ଦ ସେନାପତି ହତ୍ୟା ଅଭିଯୋଗ କରିବାକୁ ଯାଇଥିଲେ। ବ୍ୟବଚ୍ଛେଦ ରିପୋର୍ଟ ନ ଆସିବା ଯାଏ ଆମେ କିଛି କରିପାରିବୁ ନାହିଁ, ଏପରିକି ଶୁଭଲକ୍ଷ୍ମୀ ଦେହରେ କାହାରି ହାତ ଚିହ୍ନ ନ ଥିବା କହିବା ସହ ଯଦି କହିବେ ଅନ୍ୟ ଦିଗରୁ ଚେଷ୍ଟା କରିବା ବୋଲି ଆଇଆଇସି କହିଥିବା ନେଇ ଶୁଭଲକ୍ଷ୍ମୀଙ୍କ ବାପା ଓ ଅଜା ଅଭିଯୋଗ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସି ନ ଥିବା ବେଳେ ପୋଲିସ କିପରି ଶୁଭଲକ୍ଷ୍ମୀ ଦେହରେ କାହାରି ହାତ ଚିହ୍ନ ନାହିଁ ଜାଣିଲା ବୋଲି ପ୍ରଶ୍ନ କରିଛନ୍ତି। ଏପରିକି ସନ୍ଧାନୀ କୁକୁରକୁ ଆମେ କେବଳ ଆମର ସହାୟତା ପାଇଁ ବ୍ୟବହାର କରିଥାଉ , ସନ୍ଧାନୀ କୁକୁର ଆଧାରରେ କାହାକୁ ବାନ୍ଧି ହେବନାହିଁ ବୋଲି ପୋଲିସ କହିଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି । ପରିବାର ଲୋକଙ୍କ ଏହି ଅଭିଯୋଗ ତଦନ୍ତ ପ୍ରକ୍ରିୟାକୁ ନେଇ ସନ୍ଦେହ ବଢ଼ାଇଛି । ଅନ୍ୟପକ୍ଷରେ ନାତୁଣୀକୁ ନ୍ୟାୟ ନ ମିଳିଲେ ଆତ୍ମହତ୍ୟା କରିବେ ବୋଲି କାନ୍ଦି କାନ୍ଦି ଶୁଭଲକ୍ଷ୍ମୀଙ୍କ ଆଈ ଦମୟନ୍ତୀ ନାୟକ କହିଛନ୍ତି।

# ଲଙ୍କାପୋଡ଼ି ପୂର୍ବରୁ ଉଡ଼ିଗଲା ରାବଣ ମୁଣ୍ଡ

ନୟାଗଡ଼,୬।୪(ଲୋକନାଥ ମିଶ୍ର)

ଭାରତ ପ୍ରସିଦ୍ଧ ଲଙ୍କାପୋଡି ଯାତ୍ରାର ଲଙ୍କାପୋଡି ପୂର୍ବରୁ ୩୫ ଫୁଟ କାଷ୍ଠ (କାଠ) ରାବଣର ମୁଣ୍ଡ ଉଡିଯାଇ କିଛି ଦୂରରେ ପଡିଥିଲା। ବର୍ଷା ଛାଡିବା ପରେ ପୁଣି ରାବଣର ମୁଣ୍ଡକୁ ପୁଣି ଯୋଡି ଦିଆଯାଇଛି। ସୋମବାର ଅପରାହ୍ନରେ ନୟାଗଡ଼ ଜିଲା ଦଶପଲ୍ଲାରେ ହୋଇଥିବା କାଳବୈଶାଖ ଝଡର ତାଣ୍ଡବ ଦେଖା ଯାଇଥିଲା। ଏଥିରେ ପ୍ରବଳ ବର୍ଷା, ପବନ ହୋଇଥିଲା। ୨୦ ଗ୍ରାମ, ୧୦ ଗ୍ରାମ ଓ ୫୦ ଗ୍ରାମର କୁଆପଥର ବି ପଡିଥିଲା। ବର୍ଷା ଓ ପବନ ପ୍ରଭାବରେ ଗଛ ଭାଙ୍ଗି ପଡିଥିବାବେଳେ ଲଙ୍କାପୋଡି ଯାତ୍ରାର ତୋରଣ ମଧ୍ୟ ଉପୁଡି ପଡିଛି। ପୁଣି ଲଙ୍କାପୋଡି ଯାତ୍ରାରେ ପଡିଥିବା ମୀନା ବଜାରର ମଧ୍ୟ କ୍ଷୟକ୍ଷତି ହୋଇଛି। ରାସ୍ତା କଡରେ ପଡିଥିବା ଅସ୍ଥାୟୀ ଦୋକାନ ଭାଙ୍ଗି ରୁଜି ନଷ୍ଟ ହୋଇଛି। ବ୍ୟବସାୟୀଙ୍କର ଅନେକ ଦୋକାନ ଉପକରଣ ନଷ୍ଟ


କାଳବୈଶାଖୀରେ ଉଡ଼ିଯାଇଥିବା ରାବଣ ମୁଣ୍ଡ।

ହୋଇଯାଇଛି। ସେହିଭଳି ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ ଜାତୀୟ ରାଜପଥ ଓ ଭଞ୍ଜନଗର ରାସ୍ତାରେ ପୁଣି ବଡ ବଡ ଗଛ ପଡି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଦଶପଲ୍ଲା ବ୍ଲକ ଓ ସହରାଞ୍ଚଳରେ ଥିବା କେତେକ ଚାଳ ଛପର ଉଠି ଯାଇଛି।

## ଦଶପଲ୍ଲାରେ କାଳ ବୈଶାଖୀର ତାଣ୍ଡବ

- ରାବଣ ନିହତ ପରେ ୩୫ ଫୁଟ କାଷ୍ଠ ରାବଣର ମୁହଁ ବକ୍ର କରାଯାଏ
- ୫୦ ଗ୍ରାମର କୁଆପଥର ପଡିଥିବାବେଳେ ଛିଣ୍ଡି ଯାଇଛି ବିଦ୍ୟୁତ୍ ତାର

ଦଶପଲ୍ଲା ବ୍ଲକ ତ୍ରିନାଥ ବଜାର, ତାକୁଡା, ଜାମୁସାହ ସମେତ ଗାଁ ଗହିଳରେ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଛି। ଅନ୍ୟପକ୍ଷେ ବିଭିନ୍ନ ସ୍ଥାନରେ ଗଛ ପଡି ବିଦ୍ୟୁତ୍ ତାର ଛିଣ୍ଡି ପଡିଛି। ଅପରାହ୍ନ ପ୍ରାୟ ୪ଟାରୁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଦଶପଲ୍ଲା ସହର ଓ ବ୍ଲକର ଅନେକ ଗାଁ ଅନ୍ଧକାରରେ ରହିଛି।

ପ୍ରକାଶ ଯେ, ଦଶପଲ୍ଲାର ପ୍ରସିଦ୍ଧ ଲୋକକଳା କାଷ୍ଠ ମୁଖାଧାରୀ ରାମଲୀଳା। ଯାହାକି ୨୨୪ ବର୍ଷରେ ପହଞ୍ଚିଛି। ମଙ୍ଗଳ ରାତି ବୁଧ ପାହାନ୍ତିରେ ଲଙ୍କାପୋଡି ଯାତ୍ରାରେ ରାବଣ ପୋଡି ମୁଖ୍ୟ ଆକର୍ଷଣ। ସୀତା ହରଣ ଦିବସରେ ୩୫ ଫୁଟର କାଷ୍ଠର ରାବଣ ଓ ପୁଷ୍ପକ ବିମାନର ବ୍ୟବହାର ଦେଖିବାକୁ ମିଳେ। ଯାତ୍ରାର ଅନ୍ତିମ ରାତିରେ ଦଶପଲ୍ଲାର ମହାବୀରଙ୍କ ପୀଠାରୁ ବାସ୍ତବ ଅଭିନୟ କରୁଥବା ରାମ, ଲକ୍ଷ୍ମଣ କାଷ୍ଠ ରାବଣଙ୍କ ସହ ଯୁଦ୍ଧ କରି ୧ କି.ମି.ପର୍ଯ୍ୟନ୍ତ ରାସ୍ତା ଅତିକ୍ରମ କରନ୍ତି। ରାମଙ୍କ ବ୍ରହ୍ମାସ୍ତ୍ରରେ ରାବଣ ନିହତ ହେବା ପରେ ବ୍ରହ୍ମାସ୍ତ୍ର ପୁଣି ଫେରି ଆସେ। ବ୍ରହ୍ମାସ୍ତ୍ରରେ ନଡା ଓ ବାଉଁଶରେ ନିର୍ମିତ ରାବଣ ପୋଡି ହୋଇ ନିହତ ପରେ ୩୫ ଫୁଟର କାଷ୍ଠ ରାବଣର ମୁହଁକୁ ବକ୍ର କରାଯାଏ। ଲଙ୍କାପୋଡି ଯାତ୍ରାରେ ରାବଣ ନିହତ ପୂର୍ବରୁ କାଳ ବୈଶାଖିର ତାଣ୍ଡବ କାଷ୍ଠର ରାବଣ ମୁଣ୍ଡକୁ ଉଡାଇ ନେବା ଅନେକ ଅଘଟଣର ସୂଚନା ଦେଉଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।


ନୟାଗଡ଼ ପୁରୁଣା ସହର ଗୁଣ୍ଡିଚା ମଣ୍ଡପ ପରିସରସ୍ଥ ରଘୁନାଥ ଜୀଉ ମନ୍ଦିରରେ ରଘୁନାଥଙ୍କ ଅଭିଷେକ ବେଶ। (ଫଟୋ- ଲୋକନାଥ ମିଶ୍ର ।

# ବାଣ ବିସ୍ଫୋରଣ ଘଟଣା ମୃତ୍ୟୁସଂଖ୍ୟା ୨କୁ ବୃଦ୍ଧି

ନୂଆଗାଁ,୬।୪ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ଥାନା କୋରଡା ଗ୍ରାମ ଜନବସତି ସ୍ଥାନରେ ବେଆଇନ ଭାବେ ବାଣ କାରଖାନା ଚାଲିଥିବା ବେଳେ ଶୁକ୍ରବାର ବିସ୍ଫୋରଣ ଘଟି ଜଣେ ନାବାଳକଙ୍କ ସମେତ ୬ ଗୁରୁତର ହୋଇଥିଲେ। ଭୁବନେଶ୍ୱରସ୍ଥିତ ଏମସ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ପୂର୍ବରୁ ଜଣଙ୍କର ମୃତ୍ୟୁ ଘଟିଥିଲା। ସୋମବାର ଆଉ ଜଣେ ଆହତଙ୍କ ମତ୍ୟୁ ଘଟିଛି। ମୃତକ ହେଲେ କୋରଡା ମଠ ସାହିର ନିରଞ୍ଜନ ନାୟକ (୪୦)। ମୃତ୍ୟୁ ସଂଖ୍ୟା ୨ରେ ପହଞ୍ଚିଛି।

ସୂଚନାଯୋଗ୍ୟ, ନୂଆଗାଁ ଥାନା କୋରଡାରେ ବେଆଇନ ଭାବେ ବାଣ ତିଆରି ହେଉଥିବା ସମୟରେ ବିସ୍ଫୋରଣ ଘଟି ଜଣେ ନାବାଳକଙ୍କ ସମେତ ୬ ଗୁରୁତର ହୋଇଥିଲେ। ବାଣ କାରଖାନା ମାଲିକ କୋରଡା ଗ୍ରାମର ହାଡିବନ୍ଧୁ ସେଠୀ,ପୁଅ ନବ ସେଠୀ, ନିରଞ୍ଜନ ନାହକ, ମିନାଗାଡିଆ ଗ୍ରାମର ମନୋଜ ନାୟକ, ବାପି ନାୟକ ଓ ଗଞ୍ଜାମ ଗେରେଡା ଗ୍ରାମର ନାବାଳକ ଅମିତ କୁମାର ସେଠୀ(୧୫)ଙ୍କୁ ଚିକିତ୍ସା ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ୫ ଜଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ନ ଆସିବାରୁ ସେମାନଙ୍କୁ ଭୁବନେଶ୍ୱର ଏମସ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସା ଚାଲିଥିବା ସମୟରେ ମୀନାଗାଡିଆ ଗ୍ରାମର ବାପି ନାୟକଙ୍କ ଶୁକ୍ରବାର ମୃତ୍ୟୁ ଘଟିଥିଲା।

# ନୂଆଗାଁ ବ୍ଲକ ପକ୍ଷରୁ ସ୍ୱଚ୍ଛତା ଅଭିଯାନ

ନୂଆଗାଁ, ୬।୪ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ସ୍ୱଛତା ଅଭିଯାନ ଅବସରରେ ବିଭିନ୍ନ ସ୍ଥାନ ସଫେଇ କରାଯାଇଛ। ପଣା ସଂକ୍ରାନ୍ତିକୁ ଓଡ଼ିଆ ନବ ବର୍ଷ ଭାବେ ପାଳନ କରାଯାଏ। ଏପ୍ରିଲ ପହିଲାରୁ ପଣା ସଂକ୍ରାନ୍ତି ତଥା ଓ ନବବର୍ଷ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଏ। ଏହି ଅବସରରେ ସରକାର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମମାନ ହାତକୁ ନେଇଛନ୍ତି। ସେହିକ୍ରମରେ ସୋମବାର ନୂଆଗାଁ ବ୍ଲକ ସଦରମହକୁମାରେ ଅବସ୍ଥିତ ବିରୁପାକ୍ଷେଶ୍ୱର ମନ୍ଦିରଠାରେ ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ଚତୁଃପାର୍ଶ୍ୱକୁ ସଫାସୁତୁରା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନୂଆଗାଁ ବିଡିଓ ଅମୃତ କୁମାର ରାଉଳ, ଏବିଡିଓ ମୀନକେତନ ବେହେରା, ଜିପିଡିଓ ମନୋରଞ୍ଜନ ମହାପାତ୍ର, ସାମାଜିକ ସୁରକ୍ଷା ଅଧିକାରୀ ସ୍ୱର୍ଣ୍ଣ ସାରିକା ଜେନା, ପଞ୍ଚାୟତ ପିଇଓ ରଞ୍ଜନ କୁମାର ବେହେରା, ଆକାଉଣ୍ଟ ଅଫିସର ମନୋଜ କୁମାର ବେହୁରା, ପରିମଳ ବ୍ଲକ ସଂଯୋଜସକ କାହ୍ନୁ ଚରଣ ବେହେରା ଓ ସିପି ତୁଷାର କାନ୍ତ ପାଣିଗ୍ରାହୀଙ୍କ ସମେତ ବ୍ଲକ ଓ ପଞ୍ଚାୟତ କର୍ମଚାରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏହି ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ। ଏଥିସହିତ ବ୍ଲକର ବିଭିନ୍ନ ପଞ୍ଚାୟତର ଧାର୍ମିକ ଅନୁଷ୍ଠାନ ଗୁଡିକରେ ସଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିଜେ ଚଳୁ ଥିବା ପରିବେଶକୁ ସଫା ସୁତାର ରଖିଲେ ସମସ୍ତେ ସୁସ୍ଥ ଜୀବନ ଯାପନ କରିପାରିବା ବୋଲି ପରିମଳ ବିଭାଗ ବ୍ଲକ ସଂଯୋଜକ ବେହେରା ସମସ୍ତଙ୍କୁ କହିଥିଲେ।


ସଫେଇ କାର୍ଯ୍ୟକ୍ରମ ଚାଲିଛି ।

# ପ୍ରଭୁଙ୍କ ରାଜ୍ୟାଭିଷେକ ବେଶ ଦର୍ଶନ କଲେ ଶ୍ରଦ୍ଧାଳୁ

ଓଡଗାଁ,୬।୪
(ନାରାୟଣ ପାଣିଗ୍ରାହୀ)

## ଓଡଗାଁ ଶ୍ରୀରାମ ନବମୀ ଯାତ୍ରାର ଅନ୍ତିମ ସନ୍ଧ୍ୟା ବେଶ

ଓଡଗାଁ ପ୍ରଭୁ ଶ୍ରୀରଘୁନାଥ ଜୀଉଙ୍କ ଶ୍ରୀରାମ ନବମୀ ଯାତ୍ରା ନବଦିନ ସନ୍ଧ୍ୟା ବେଶର ସୋମବାର ଥିଲା ଅନ୍ତିମ ଦିନ। ପ୍ରଭୁଙ୍କର ରାଜ୍ୟାଭିଷେକ ବେଶ ଦର୍ଶନ ବେଳେ ଓଡଗାଁ ଅଯୋଧ୍ୟାନଗରୀ ପରିମନେ ହେଉଥିଲା। ୯ ଦିନର ଯାତ୍ରା ମଧ୍ୟରେ ଶ୍ରୀରାମଙ୍କ ଜନ୍ମଠାରୁ ସୀତା ବିବାହ ଏବଂ ବନବାସଠାରୁ ରାଜ ସିଂହାସନ ଆରୋହଣ ପର୍ଯ୍ୟନ୍ତ ଘଟଣାକ୍ରମ ସହିତ ଦର୍ଶନାର୍ଥୀଙ୍କ ଭାବାବେଗ ଯୋଡିହୋଇ ରହିଥିଲା। ପ୍ରଭୁଙ୍କର ୧୪ ବର୍ଷର ବନବାସ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଯେତିକି ବ୍ୟଥିତ କରିଥିଲା ଆଜିର ରାଜ୍ୟାଭିଷେକ ତାହାଠାରୁ ସତ ଗୁଣ ଆନନ୍ଦ ଭରି ଦେଇଥିଲା। ରତ୍ନ ବେଦିରେ ଶାନ୍ତ କାନ୍ତ ନବ ଦୁର୍ବାଦଳ ରୂପକାନ୍ତି ପ୍ରଭୁ ଶ୍ରୀରାମଙ୍କ ସହିତ ଜଗତ୍ ଜନନୀ ମା' ସୀତା ବସିଥିବା ବେଳେ ପଶ୍ଚାତରେ ଲକ୍ଷ୍ମଣ ଛତ୍ର ଧରି ରହିଥିବା,


ରାଜ୍ୟାଭିଷେକ ଦୃଶ୍ୟ ।

ଭରତ ଚାମର ଦେଉଥିବା, ଶତ୍ରୁଘ୍ନ ଆଲଟ ପକାଉଥିବା, ହନୁମାନ ପାଦ ପଦ୍ମରେ ଆଣ୍ଠୁମାଡି ପ୍ରଣାମ କରୁଥିବାର ଦୃଶ୍ୟ ଏବଂ ବୀଭିଷଣ, ସୁଗ୍ରୀବ, ନଳ, ନୀଳ, ଅଙ୍ଗଦ, ସୁଷେଣ, ଜାମ୍ବବାନ, ସମେତ ଇନ୍ଦ୍ର, ବ୍ରହ୍ମା, ଶିବ ଓ କୁଳଗୁରୁ ବଶିଷ୍ଟଙ୍କ ଉପସ୍ଥିତିର ଦୃଶ୍ୟ ଅଯୋଧ୍ୟାର ରାଜ ସିଂହାସନ ପରି ପ୍ରତୀୟମାନ ହେଉଥିଲା। ପାଳିଆ ପଣ୍ଡା, ପୂଜକ ପରିଷଦ ଓ ସୁଆର ସେବକ ପରିଷଦର ସମସ୍ତ କର୍ମକର୍ତ୍ତା, ସମସ୍ତ ବେଶକାରୀ ପୂଜାପଣ୍ଡା, ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର, ଶୃଙ୍ଖଳାର ସହିତ ଠାକୁରଙ୍କ ନୀତି ସମ୍ପାଦନରେ ସହଯୋଗ କରିଥିଲେ। ଯାତ୍ରା ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଓଡଗାଁ ପୋଲିସ ପ୍ରଶାସନ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିବା ବେଳେ ସ୍ଥାନୀୟ ରଘୁନାଥ ବିଦ୍ୟାପୀଠ ଏନ୍‌ସିସି କ୍ୟାଡେଟମାନଙ୍କର ସହଯୋଗ ମଧ୍ୟ ବେଶ ପ୍ରଶଂସନୀୟ ଥିଲା।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ବଳରାମ


@ ବିଷ୍ଣୁ


@ ବାପୁ


@ ଲିପୁ


@ ରଜତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସ୍ୱେଚ୍ଛାକୃତ ରକ୍ତଦାନ, ୨୬ ୟୁନିଟ୍ ରକ୍ତ ସଂଗ୍ରହ

ଓଡ଼ଗାଁ,୬।୪
(ନାରାୟଣ ପାଣିଗ୍ରାହୀ)

## ଓଡ଼ିଆ ପକ୍ଷ ପାଳନ

ରକ୍ତଦାନ,ମହତ ଦାନ। ରକ୍ତଦାନ ବଞ୍ଚାଇବା ଜୀବନ। ଏହି ମହତ ବାଣୀକୁ ପାଥେୟ କରି ଓଡ଼ିଆ ପକ୍ଷ ପାଳନ ଅବସରରେ ରଘୁନାଥ ସମବାୟ ମହାବିଦ୍ୟାଳୟ, ଓଡ଼ଗାଁଠାରେ ସମ୍ପୃକ୍ତ ମହାବିଦ୍ୟାଳୟ ଓ ଏଚଡିଏଫସି ବ୍ୟାଙ୍କର ମିଳିତ ସହଭାଗିତାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜକିଶୋର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଭାଗୀରଥି ପ୍ରଧାନ ଓ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରର ଟେକ୍ନିସିଆନ ରବୀନ୍ଦ୍ର କୁମାର ସାହୁଙ୍କ ସକ୍ରିୟ ସହଯୋଗରେ ୨୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

# ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରା,କୁମ୍ଭକର୍ଣ୍ଣ ବଧ

ଦଶପଲ୍ଲା, ୬।୪(ପ୍ରକାଶ କୁମାର ପାଣି)

ମହାବୀର କ୍ଷେତ୍ର ଦଶପଲ୍ଲାରେ ଚାଲିଥିବା ପ୍ରସିଦ୍ଧ ଲଙ୍କାପୋଡି ଯାତ୍ରାର ସୋମବାର ଥିଲା କୁମ୍ଭକର୍ଣ୍ଣ ବଧ। ପୂର୍ବାହ୍ନରେ ମନ୍ଦିର ପରିସରରେ ଠାକୁରଙ୍କ ପୂଜା ନୀତି ଅନୁଷ୍ଠିତ ହେବା ପରେ ରାତିରେ ରାମଲୀଳା ମଞ୍ଚସ୍ଥ ହୋଇଥିଲା। ଲଙ୍କାପୋଡି ଯାତ୍ରାର କୁମ୍ଭକର୍ଣ୍ଣ ବଧ ପ୍ରସଙ୍ଗଟି ସବୁଠାରୁ ଆକର୍ଷଣୀୟ ଓ ସଂଘର୍ଷମୟ ଅଧ୍ୟାୟ। ଯୁଦ୍ଧ ଆରମ୍ଭ ପୂର୍ବରୁ ଶ୍ରୀ ରାମଚନ୍ଦ୍ର ଦୂତ ଭାବରେ ଚିଟାଉ ଦେଇ ଅଙ୍ଗଦଙ୍କୁ ରାବଣ ପାଖକୁ ପ୍ରେରଣ କରନ୍ତି। ମାତ୍ର ଲଙ୍କାପତି ରାବଣ ଭ୍ରୁକ୍ଷେପ କରେ ନାହିଁ। ଏଣୁ ଯୁବରାଜ ଅଙ୍ଗଦ ଲଙ୍କାର ଜଗତି ସହ ନେଇଆଣି ଶ୍ରୀ ରାମଙ୍କ ପାଖରେ ପହଞ୍ଚି ଯାଆନ୍ତି ଓ ଯୁଦ୍ଧ ଆରମ୍ଭ ହୁଏ। ଆଜିର ପ୍ରସଙ୍ଗରେ ବହୁ ଅସୁର ନିଧନ ହୁଅନ୍ତି। ଇନ୍ଦ୍ରଜିତ ମଧ୍ୟ ବ୍ରହ୍ମାସ୍ତ୍ର ପ୍ରୟୋଗ କରି ଲକ୍ଷ୍ମଣଙ୍କୁ ଅଚେତ କରିବା ସଂଗେ ସଂଗେ, ନାଗଫାସରେ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ବନ୍ଧନ କରନ୍ତି। ଏ ସମୟରେ


କୁମ୍ଭକର୍ଣ୍ଣ ବଧ ଦୃଶ୍ୟ ।

ପୁଷ୍ପକ ବିମାନରେ ବସିଥିବା ମା' ସୀତାଙ୍କ ଶୋକ, ଅତିବ ହୃଦୟ ବିଦାରକ। କେବଳ ଇନ୍ଦ୍ରଜିତକୁ ଛାଡିଦେଲେ ରାବଣର ଧୂମ୍ରମୟ , ଧୂମ୍ରାକ୍ଷ ଓ ନାଭିଦତ୍ୟ ଭଳି ବଡ଼ ବଡ଼ ବୀର ମୃତ୍ୟୁ ମୁଖରେ ପଡନ୍ତି। ଏହିଠି ଦୁଇଟି ରୋଚକ ପ୍ରସଂଗ ରହିଛି।

ରାବଣ ମୟାସୀତା ପ୍ରସ୍ତୁତ କରି ଶ୍ରୀରାମଙ୍କ ଆଗରେ ତାକୁ ନିଧନ କରେ ଓ ଶ୍ରୀ ରାମ ଶୋକରେ ଅଥୟ ହୋଇଯାନ୍ତି। ମାତ୍ର ପରେ ପରେ ବୀଭିଷଣ ସତ୍ୟା ସତ୍ୟ କହିବା ପରେ ପୁନଶ୍ଚ ଲଢେଇ ଘୋମାଘଟ ହୁଏ। ଠିକ୍ ସେହିପରି ରାବଣ ମାୟା ରାମ ଲକ୍ଷ୍ମଣର ମୁଣ୍ଡ ନେଇ ସୀତାଙ୍କୁ ଦେଖାନ୍ତି। ସୀତା ମଧ୍ୟ ଶୋକାକୂଳ ହେବା ବେଳେ ରାମଚନ୍ଦ୍ର ସେନା ଲଙ୍କା ଘେରାଉ କରିବାର ସମ୍ବାଦ, ବୀଭିଷଣ ନନ୍ଦିନୀ ତ୍ରିଜଟା ସତ୍ୟକଥାଟା ସୀତା ଦେବୀଙ୍କ ଆଗରେ କୁହନ୍ତି। ଏପରି କ୍ରମଶଃ ରାକ୍ଷସ ସେନା ଦୁର୍ବଳ ହେବାରୁ, ରାବଣ ନିର୍ଦ୍ଦେଶରେ କୁମ୍ଭକର୍ଣ୍ଣ ର ନିଦ୍ରାଭଙ୍ଗ କରାଯାଏ। ଅସମୟରେ କୁମ୍ଭକର୍ଣ୍ଣ ନିଦ୍ରାରୁ ଉଠିବା ଏକ ଶୁଭ ଲକ୍ଷଣ ନୁହେଁ, ତଥାପି ସେ ସମସ୍ତ କଥା ରାବଣଠାରୁ ଶୁଣିବା ପରେ ରାବଣର କାର୍ଯ୍ୟକୁ ନାପସନ୍ଦ କଲେ ମଧ୍ୟ ରାବଣ ପକ୍ଷ ତ୍ୟାଗ ନ କରି ଯୁଦ୍ଧକୁ ଗମନ କରେ। ଯୁଦ୍ଧରେ ନଳ, ନୀଳ ଓ ସୁଷେଣ ଆଦିକୁ ପରାସ୍ତ କରି ସୁବଳକୁ କାଖ ତଳେ ଚାପି ଲଙ୍କା ଫେରୁଥିବା ବେଳେ ସେ କୌଶଳ କ୍ରମେ ଖସି ଯାଇ କୁମ୍ଭକର୍ଣ୍ଣର କର୍ଣ୍ଣ ଓ ନାସା ଉପାଡି ଦେବା ଫଳରେ କ୍ରୋଧ ଜର୍ଜରୀତ କୁମ୍ଭକର୍ମ ଯୁଦ୍ଧକୁ ଆସି ବହୁ ସୈନ୍ୟଙ୍କୁ ନିଧନ କରିବା ପରେ ଶ୍ରୀ ରାମଚନ୍ଦ୍ରଙ୍କ ବାଣରେ ସ୍ୱର୍ଗ ପ୍ରାପ୍ତ ହୁଏ। ଆଜିର ପ୍ରସଙ୍ଗଟି ସବୁଠାରୁ ଆକର୍ଷଣୀୟ ଥିବାରୁ ବହୁ ଜନସମାବେଶ ହୋଇଥିଲା। କମ୍ଭକର୍ଣ୍ଣର ଖାଦ୍ୟପେୟ ପ୍ରସଙ୍ଗଟି ଖୁବ ସୁନ୍ଦର ଭାବରେ ଉପସ୍ଥାପିତ କରାଯାଇଥିଲା। ମଙ୍ଗଳ ରାତି ବୁଧ ପାହାନ୍ତିରେ ଯାତ୍ରାର ମୁଖ୍ୟ ଲଙ୍କା ପୋଡ଼ି ଏବଂ ରାବଣର ବଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି।

# ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଭାପୁର, ୬।୪(ପ୍ରଭାତ ବରାଡ)

## ଭାପୁର ଡାକ୍ତରଖାନାର ସମସ୍ୟା ନେଇ ଉଦ୍‌ବେଗ

ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସମସ୍ୟା ନେଇ ସର୍ବଦଳୀୟ ତରଫରୁ ଉଦ୍‌ବେଗ ପ୍ରକାଶ ସହିତ ଏହାର ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ୧୬ ଦଫା ଦାବିପତ୍ର ସୋମବାର ପ୍ରଦାନ କରାଯାଇଛି।

ନୟାଗଡ଼ ଜିଲାର ପ୍ରଥମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇଥିବା ଭାପୁର ଡାକ୍ତରଖାନାରେ ମିଳୁନି ସାଧାରଣ ସେବା। ଏହା ଉପରେ ଭାପୁର ବ୍ଲକର ୨୦ ପଞ୍ଚାୟତର ଲକ୍ଷାଧିକ ଲୋକ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରିଥାନ୍ତି। ଅତୀତରେ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିଲା। ଅଦ୍ୟାବଧି ଏଠାରେ ସର୍ବନିମ୍ନ ସେବା ଉପଲବ୍ଧ ନ ହେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଭାପୁର ବ୍ଲକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସବୁଠାରୁ ପୁରାତନ ହୋଇଥିବା ବେଳେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା ଦେଖାଦେଇଛି।

ଫଳରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ନିଜର ଚିକିତ୍ସା ପାଇଁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରୁ ଆଶା ଭରସା ତୁଟାଇ ସାରିଲେଣି ଏବଂ ଘରୋଇ ଚିକିତ୍ସା ଉପରେ ନିର୍ଭର କରୁଛନ୍ତି। ୨୦୦୬ ରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ସମାଧାନ ନିମନ୍ତେ ଆନ୍ଦୋଳନ କରାଯାଇଥିଲା। ସେଥିପାଇଁ ବ୍ଲକର ୬୩ ସାମାଜିକକର୍ମୀଙ୍କ ନାମରେ ମାମଲା ରୁଜୁ ହୋଇ ଜେଲଦଣ୍ଡ ଭୋଗିଥିଲେ। ତଥାପି ଏ ପର୍ଯ୍ୟନ୍ତ ମଧ୍ୟ ସମସ୍ୟା ସମାଧାନ ହୋଇ ପାରି ନାହିଁ ।

୧୬ ଦଫା ଦାବି ହେଲା ଭେଷଜ ବିଶେଷଜ୍ଞ ନିଯୁକ୍ତି, ଖାଲି ପଡ଼ିଥିବା ସ୍ତ୍ରୀ ରୋଗ ବିଶେଷଜ୍ଞ ପଦବୀ ପୂରଣ, ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ, ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ, ଆହାର କେନ୍ଦ୍ର ପ୍ରତିଷ୍ଠା, ଅଧିକ ସଂଖ୍ୟକ ଲାବ୍ରେରେଟୋରୀ ଟେକନିସିଆନ ଓ ଷ୍ଟାଫ ନର୍ସ ନିଯୁକ୍ତି, ସର୍ଜରୀ ଓ ସହକାରୀ ସର୍ଜରୀ ନିଯୁକ୍ତି, ଏକ୍ସ-ରେ ଓ ଇସିଜି ମେଶିନ ସ୍ଥାପନ, ନିରାମୟ କେନ୍ଦ୍ରରେ ସମସ୍ତ ରୋଗ ପାଇଁ ଔଷଧ ଯୋଗାଣ, କମ୍ପ୍ୟୁଟର ମାଧ୍ୟମରେ ରୋଗୀଙ୍କ ପଞ୍ଜୀକରଣ, ୩ ମହଲା ନୂତନ ଗୃହଗୁଡ଼ିକୁ ତୁରନ୍ତ କାର୍ଯ୍ୟକ୍ଷମ କରାଇବା, ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସେବା ପ୍ରଦାନ, ସ୍ତ୍ରୀ ଓ ଶିଶୁ ରୋଗ ବିଶେଷଜ୍ଞ, ଅସ୍ଥିଶଲ୍ୟ, ଚକ୍ଷୁ ବିଶେଷଜ୍ଞ, ଦୀର୍ଘବର୍ଷ ଧରି ଏଠାରେ କାର୍ଯ୍ୟରତ ଡାକ୍ତରଙ୍କୁ ସ୍ଥାନାନ୍ତର କରି ସେମାନଙ୍କ ବଦଳରେ ନୂତନ ନିଯୁକ୍ତ ଦାବିପତ୍ର ନେଇ ମୁଖ୍ୟମନ୍ତ୍ରୀ,ସ୍ୱାସ୍ଥ୍ୟମନ୍ତ୍ରୀ, ଖଣ୍ଡପଡ଼ା ବିଧାୟକ, ନୟାଗଡ଼ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଆରକ୍ଷୀ ଅଧୀକ୍ଷକଙ୍କୁ ଦିଆଯାଇଛି। ସୋମବାର ଭାପୁର କ୍ରିୟାନୁଷ୍ଠାନ କମିଟି ସଭାପତି ରବୀନ୍ଦ୍ର କୁମାର ପଟ୍ଟନାୟକ, ଭାପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ, ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଜିଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁ, ବରିଷ୍ଠ ନାଗରିକ ସଂଘ ସଭାପତି ଲକ୍ଷ୍ମୀଧର ସାମନ୍ତରାୟ,କମିଟି ସମ୍ପାଦକ ପ୍ରଭାକର ସାହୁ, ଅବସରପ୍ରାପ୍ତ ଶିକ୍ଷକ ସଂଘ ସଭାପତି ଲକ୍ଷ୍ମୀଧର ମହାପାତ୍ରଙ୍କ ସମେତ ବହୁସଦସ୍ୟ, ଜନପ୍ରତିନିଧି ଦସ୍ତଖତ କରି ଦାବିପତ୍ର ଦେଇଥିବା ଜଣାପଡିଛି।

